୬ ବାଂଲାଦେଶକୁ ହରାଇ ଏସିଆ କପ୍ ଫାଇନାଲରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୩୮ ● ୨୫ ସେପ୍ଟେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-238 ● 25th September 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଦିନକ ପୂର୍ବରୁ ଶେଷ ହେଲା ମୌସୁମୀ ଅଧିବେଶନ

# ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କଲେ ବାଚସ୍ପତି

ଭୁବନେଶ୍ୱର, ୨୪।୯

ନ୍ୟୁଜ୍‌ବ୍ୟୁରୋ



ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହୋଇଥିବା ସପ୍ତଦଶ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଦିନକ ପୂର୍ବରୁ ଶେଷ ହୋଇଛି। ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିବା ମୌସୁମୀ ଅଧିବେଶନ ୬ଟି କାର୍ଯ୍ୟଦିବସରେ ସରିଛି। ବୁଧବାର ଗୃହ କାର୍ଯ୍ୟ ଶେଷରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେବାର ନଥିବା ହେତୁ ବିଧାନସଭାର ମୌସୁମୀ ଅଧିବେଶନ ଅବଧିକୁ କାଣ୍ଟଛାଣ୍ଟ କରି ସମାପ୍ତ କରିବା ପାଇଁ ଗୃହରେ ମତ ପ୍ରକାଶ ପାଇଥିଲା। ଶାରଦୀୟ ଦୁର୍ଗା ପୂଜାର ଅବ୍ୟବହିତ ପୂର୍ବରୁ ଅଧିବେଶନକୁ ମୁଲତବୀ କରିବା ପାଇଁ ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବିଧିବଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ବିଜେପିର ବିଧାୟକ ଉପାସନା ମହାପାତ୍ର, ବିଧାୟକ ସନାତନ ବିଜୁଳି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ଏହାପରେ ବାଚସ୍ପତିଙ୍କ ଅନୁମତିକ୍ରମେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଲିଡେଟୋରୀ ବା ବିଦାୟକାଳୀନ ସମ୍ଭାଷଣ ଆରମ୍ଭ କରିଥିଲେ। ଚଳିତ ମୌସୁମୀ ଅଧିବେଶନ କାଳରେ ୬ ଦିନ ଧରି ଗୃହ ସୁଚାରୁରୂପେ ପରିଚାଳନା କରିଥିବା ହେତୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ଧନ୍ୟବାଦ ଜଣାଇବା ସହ ଏଥିରେ ସହଯୋଗ କରିଥିବା ବିଧାନସଭାର ଅଧିକାରୀ ଓ କର୍ମଚାରୀ, ନିରାପତ୍ତା କର୍ମଚାରୀ, ପୋଲିସବାହିନୀ, ଗଣମାଧ୍ୟମର ପ୍ରତିନିଧିଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। ଆଗାମୀ ଦୁର୍ଗାପୂଜା ଦଶହରା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଗୁଆ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ଅନୁରୂପ ଭାବେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ବାଚସ୍ପତି, ଉପବାଚସ୍ପତି ଏବଂ ବିଧାନସଭା କାର୍ଯ୍ୟକ୍ରମରେ ସମ୍ପୃକ୍ତ ସମସ୍ତ ପଦାଧିକାରୀ ଓ ଗଣମାଧ୍ୟମକୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

ମାତ୍ର ୬ଟି କାର୍ଯ୍ୟଦିବସ ବିଶିଷ୍ଟ ସଂକ୍ଷିପ୍ତ ମୌସୁମୀ ଅଧିବେଶନ କାଳରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ପୃଷ୍ଠା ୭ରେ)

# ମହିଳା ଅପରାଧ ନେଇ ରାଜ୍ୟସରକାର ଶୂନ୍ୟ ସହନଶୀଳତାରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି

ଭୁବନେଶ୍ୱର, ୨୪।୯ : ନ୍ୟୁଜ୍‌ବ୍ୟୁରୋ



ମହିଳା ଅପରାଧ ନେଇ ରାଜ୍ୟ ସରକାର ଶୂନ୍ୟ ସହନଶୀଳ ନୀତି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏପର୍ଯ୍ୟନ୍ତ ବିଗତ ୧୫ ମାସର ସରକାରଙ୍କ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯେତେସବୁ ମହିଳା ଜନିତ ଅପରାଧ ଘଟିଛି ପୋଲିସ୍ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ଏବଂ ଦୁଇ ତିନି ଦିନ ମଧ୍ୟରେ ଅପରାଧରେ ସମ୍ପୃକ୍ତ ଆସାମୀକୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ପ୍ରକାଶ କରିଛନ୍ତି। ''ମହିଳା ଟ୍ରାଫିକ କନେଷ୍ଟବଲ ଶୁଭମିତ୍ରା ସାହୁଙ୍କୁ ଜଘନ୍ୟ ହତ୍ୟା, ଅପରାଧ ରାଜଧାନୀରେ, ଶବ ଜବତ ହେଲା ଘଟଗାଁରେ'' ଅଭିଯୋଗ ନେଇ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୃହରେ ଉତ୍ତର ରଖିଥିଲେ। ସେ କହିଥିଲେ ଯେ, ଦୁର୍ଭାଗ୍ୟବଶତଃ ଶୁଭମିତ୍ରା ସାହୁଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୀପକ ରାଉତ ନାମକ ଆଉ ଜଣେ କନେଷ୍ଟବଲଙ୍କୁ ଗିରଫ କରାଯାଇଛି। ଅପରାଧୀ ୨୦୧୮ ମସିହାରେ ବାହା ହୋଇଥିବା ତାଙ୍କର ପ୍ରଥମ ପତ୍ନୀଙ୍କୁ ୨୦୨୨ରେ ହତ୍ୟା କରିଥିଲେ। ସେତେବେଳେ ଏକ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ତାହାକୁ ମୃତ୍ୟୁର ପ୍ରକୃତ କାରଣ ତଦନ୍ତ କରାନଯାଇ ତାକୁ ଲୁଚାଇ ରଖାଯାଇଥିଲା। କିନ୍ତୁ ଏବେ ଶୁଭମିତ୍ରାଙ୍କ ହତ୍ୟାକାଣ୍ଡ ଘଟଣାରେ ପୋଲିସ୍ ତଦନ୍ତ କ୍ଷୀପ୍ରତାର ସହ କରି ମାତ୍ର ୧୦ ଦିନ ଭିତରେ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଅପରାଧୀ ଦୀପକ ରାଉତ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ଇନ୍ସୁରାନ୍ସ ଟଙ୍କା ଲୋଭରେ ଏପରି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଛି। ମନ୍ତ୍ରୀ କହିଥିଲେ ରାଜ୍ୟରେ ମହିଳାଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟ, ଅତ୍ୟାଚାର ଓ ଅପରାଧକୁ ଏ ସରକାର ବରଦାସ୍ତ କରନ୍ତି ନାହିଁ। ବରଂ ବିଗତ ୨୪ ବର୍ଷର ସରକାର ସମୟରେ ସେପରି ହେଉଥିଲା ଓ ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଥିଲା ବୋଲି କହିଥିଲେ। ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ବୋଲି ମନ୍ତ୍ରୀ କହିଥିଲେ। ଏହି ଆଲୋଚନାରେ

## ଆଜିର ମୁଖ୍ୟ ଖବର

- ଗାଜା ସହର ମଧ୍ୟରେ ଇସ୍ରାଏଲ ଟ୍ୟାଙ୍କର ପ୍ରବେଶ। ବାସିନ୍ଦା ଘର ହରାଇବା ଆଶଙ୍କା।
- ଲାଦାଖରେ ସ୍ୱଶାସନ ଦାବିରେ ଆନ୍ଦୋଳନ, ୪ ମୃତ ଓ ଅନେକ ଆହତ।
- ସୁସ୍ଥ ନାରୀ ଅଭିଯାନରେ ଓଡ଼ିଶାର ସଫଳତାକୁ ଜାତୀୟ ସ୍ତରରେ ସ୍ୱୀକୃତି।
- ଦେଶରେ କୃତ୍ରିମ ବୁଦ୍ଧିଶକ୍ତିକୁ ଆଧାର କରି ନୂଆ 'ସର୍ଚ୍ଚ ଲାଇଭ୍' ସେବା ପ୍ରଚଳନ।
- ଭୁବନେଶ୍ୱରରେ ଗାଡ଼ି ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ, ଦୋଷୀଙ୍କୁ କଠୋର ଶାସ୍ତି ଦାବି।
- ରାଜ୍ୟରେ ଏକଲକ୍ଷରୁ ଅଧିକ ଅଯୋଗ୍ୟ ରାସନ୍ କାର୍ଡ ରଦ୍ଦ।
- ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ଓଡ଼ିଶାର ସଫଳତା, ଗ୍ରାମୀଣ ମହିଳାମାନେ ସ୍ୱାସ୍ଥ୍ୟ ସଚେତନତାରେ ଆଗୁଆ।
- ନିଯୁକ୍ତି ପରୀକ୍ଷାରେ ପାରଦର୍ଶିତା ନିଶ୍ଚିତ କରିବା ପାଇଁ ସରକାରଙ୍କ ନୂଆ ନିୟମାବଳୀ।
- ପରିବହନ ବିଭାଗର ପଦକ୍ଷେପ : ଛ' ହଜାରରୁ ଅଧିକ ପୁରୁଣା ଯାନ ସଡ଼କରୁ ହଟାଯିବ।
- ଝିଅଙ୍କ ସାମ୍ନାରେ ମାଆଙ୍କୁ ୧୧ ଥର ଛୁରୀ ଭୂଷି କରି ନିର୍ଦ୍ଦୟ ଭାବେ ହତ୍ୟା।
- କୋରାପୁଟରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ଭାବନା ହେତୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୩୭ (-୩୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୫୭୫ (-୩୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୬୫୩ (-୨୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୫୦ (+୦)

# ୨୨୭୭.୩୯୭ କୋଟି ଟଙ୍କା ବ୍ୟୟବରାଦ ସହିତ ଡିଏସଆଇଆର ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୨୪।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ପଞ୍ଚଦଶ ଅର୍ଥ ଆୟୋଗ ୨୦୨୧-୨୨ ରୁ ୨୦୨୫-୨୬ ଅବଧି ପାଇଁ ୨,୨୭୭,୩୯୭ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ 'କ୍ଷମତା ନିର୍ମାଣ ଏବଂ ମାନବ ସମ୍ବଳ ବିକାଶ' ଉପରେ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ/ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (ଡିଏସଆଇଆର/ସିଏସଆଇଆର) ଯୋଜନାକୁ ଅନୁମୋଦନ କରିଛି।

ଏହି ଯୋଜନା ସିଏସଆଇଆର ଦ୍ୱାରା କାର୍ଯ୍ୟକାରୀ ହେଉଛି ଏବଂ ଏଥିରେ ଦେଶର ସମସ୍ତ ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ଜାତୀୟ ପ୍ରୟୋଗଶାଳା, ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ, ଖ୍ୟାତିସମ୍ପନ୍ନ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ସାମିଲ ହେବ। ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟ, ଶିଳ୍ପ, ଜାତୀୟ ଗବେଷଣା ଏବଂ ବିକାଶ ପ୍ରୟୋଗଶାଳା ଏବଂ ଶିକ୍ଷାନୁଷ୍ଠାନରେ କ୍ୟାରିୟର କରିବାକୁ ଆକାଂକ୍ଷୀ ଯୁବବର୍ଗ, ଉତ୍ସାହୀ ଗବେଷକଙ୍କ ପାଇଁ ଏକ ବ୍ୟାପକ ମଞ୍ଚ ପ୍ରଦାନ କରେ। ପ୍ରଖ୍ୟାତ ବୈଜ୍ଞାନିକ ଏବଂ ପ୍ରାଧ୍ୟାପକମାନଙ୍କର ମାର୍ଗଦର୍ଶନରେ, ଏହି ଯୋଜନା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଚିକିତ୍ସା ଏବଂ ଗାଣିତିକ ବିଜ୍ଞାନ (ଏସଟିଇଏମଏମ) ବିକାଶକୁ ପ୍ରୋତ୍ସାହିତ କରିବ। (ପୃଷ୍ଠା ୭ରେ)

## ରେଳ କର୍ମଚାରୀ ପାଇବେ ୭୮ ଦିନର ବୋନସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୧୦,୯୧,୧୪୬ ରେଳ କର୍ମଚାରୀଙ୍କୁ ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ (ପିଏଲବି) ବାବଦରେ ୧୮୬୫.୬୮ କୋଟି ଟଙ୍କା ପାଇଁ ପ୍ରଦାନ କରିବା ପ୍ରସ୍ତାବକୁ ଅନୁମୋଦନ କରିଛି। ପ୍ରତିବର୍ଷ ଦୁର୍ଗା ପୂଜା ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି (ପୃଷ୍ଠା ୭ରେ)

# ପୂଜା ପାଇଁ ଆଗୁଆ ମିଳିବ ଦରମା



ଭୁବନେଶ୍ୱର, ୨୪।୯

ନ୍ୟୁଜ୍‌ବ୍ୟୁରୋ

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି ୨.୦ ସଂସ୍କାର ପରେ ସାରା ଦେଶରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ୨୦୨୬ ଫେବୃଆରୀ ୧୭ରୁ ସିବିଏସଇ ପରୀକ୍ଷା

ଭୁବନେଶ୍ୱର, ୨୪।୯

ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ତାରିଖ ପ୍ରକାଶ କରିଛି। ପରୀକ୍ଷାଗୁଡ଼ିକ ୨୦୨୬ ଫେବୃଆରୀ ୧୭ ରୁ ୧୫ ଜୁଲାଇ ମଧ୍ୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

ସିବିଏସଇ ଅନୁଯାୟୀ, (ପୃଷ୍ଠା ୭ରେ)



# ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ଜାତିସଂଘରେ ପୁଣି ଦୋହରାଇଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୪।୯



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୮୦ତମ ଜାତିସଂଘ ସାଧାରଣ ପରିଷଦରେ ଭାଷଣ ଦେଇ ୭ ମାସରେ ୭ଟି 'ଅନ୍ତହୀନ' ଯୁଦ୍ଧ ସମାପନ କରିବାର ଦାବି କରିଛନ୍ତି। "ସେମାନେ କହୁଥିଲେ ଏହା ଅସମ୍ଭବ, କିଛି ୩୧ ବର୍ଷ, ଗୋଟିଏ ୩୬ ବର୍ଷର ଯୁଦ୍ଧ। ମୁଁ ୭ଟି ଯୁଦ୍ଧ ସମାପନ କରିଛି," ଟ୍ରମ୍ପ ବିଶ୍ୱ ନେତାମାନଙ୍କୁ କହିଛନ୍ତି।

କାମ୍ବୋଡିଆ-ଥାଇଲ୍ୟାଣ୍ଡ, ସର୍ବିଆ, କଙ୍ଗୋ-ରୱାଣ୍ଡା, ପାକିସ୍ତାନ-ଭାରତ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥିଓପିଆ ଓ ଆର୍ମେନିଆ-ଆଜରବୈଜାନ ଭଳି ସଂଘର୍ଷରେ ଟ୍ରମ୍ପ ତାଙ୍କ ଭୂମିକାର ଉଲ୍ଲେଖ କରିଛନ୍ତି। ଏହାସହ ମେ ୨୦୨୫ରେ ଭାରତ-ପାକିସ୍ତାନ ଯୁଦ୍ଧବିରତି ତାଙ୍କ ସହ ମଧ୍ୟସ୍ଥିର ଦାବି ପୁନରାବୃତ୍ତି କରିଛନ୍ତି, ଯାହାକୁ ଭାରତ ଖାରଜ କରିଛି।

ତେବେ ଏହି ଘଟଣାକୁ ନେଇ ଭାରତ କହିଛି, ପାକିସ୍ତାନ ସହ (ପୃଷ୍ଠା ୭ରେ)

## ୫ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ, ୨୪।୯

୫ଟି ରାଜ୍ୟସଭା ଆସନରେ ଉପ-ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ପଞ୍ଜାବରେ ଗୋଟିଏ ଏବଂ ଜମ୍ମୁ-କାଶ୍ମୀରରେ ଚାରୋଟି ଆସନ ଖାଲି ପଡ଼ିଥିବାରୁ ଏଠାରେ ଉପ-ନିର୍ବାଚନ ହେବାକୁ ତାରିଖ ଘୋଷଣା କରାଯାଇଛି। ଅକ୍ଟୋବର ୨୪ରେ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସାଂସଦ ସଞ୍ଜୀବ ଆରୋରାଙ୍କ ଇସ୍ତଫା ପରେ ପଞ୍ଜାବର ରାଜ୍ୟସଭା ଆସନ ଖାଲି (ପୃଷ୍ଠା ୭ରେ)




# ସ୍ୱଦେଶୀ ବସ୍ତୁ କିଣିଲେ ଭାରତକୁ ବିଶ୍ୱର ସବୁଠୁ ବଡ଼ ଅର୍ଥବ୍ୟବସ୍ଥା ହେବାରେ କେହି ରୋକିପାରିବେ ନାହିଁ

ଗାନ୍ଧିନଗର, ୨୪।୯



କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ଯେ, ସେମାନେ ଘରକୁ କୌଣସି ବିଦେଶୀ ବସ୍ତୁ କିଣି ନ ନିଅନ୍ତୁ। ସେ କହିଛନ୍ତି ଯେ, ଦେଶବାସୀ ଯଦି କେବଳ ସ୍ୱଦେଶୀ ବସ୍ତୁ କିଣିବା ଆରମ୍ଭ କରନ୍ତି, ତେବେ ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥନୀତି ହେବାରୁ କେହି ରୋକିପାରିବେ ନାହିଁ। ଶାହ ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସ୍‌ଟିରେ ଖାଦ୍ୟ ପଦାର୍ଥ ଉପରୁ କର ହଟାଇଦେଇଛନ୍ତି, ଏବଂ କୃଷକଙ୍କ ପାଇଁ ଉପଲବ୍ଧ ସମସ୍ତ ବସ୍ତୁରେ କର ଅଧା କରି ଦେଇଛନ୍ତି। ଗୁଜରାଟର ଗାନ୍ଧୀନଗର ଜିଲ୍ଲାରେ ଏକ କାର୍ଯ୍ୟକ୍ରମରେ ସେ ଏହି ଉଦ୍‌ବୋଧନ ଦେଇଥିଲେ।

ଏହାପୂର୍ବରୁ ଅମିତ ଶାହ ଗାନ୍ଧୀନଗର ଜିଲ୍ଲାର କଲୋଲ ସ୍ଥିତ ଭାରତମାତା ଟାଉନହଲରେ ୧୪୪ କୋଟି ଟଙ୍କାର ବିକାଶ ଯୋଜନାର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସେ ସ୍ଥାନୀୟ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ, 'ମୁଁ ଏକ ସାଂସଦ ଭାବେ ଲୋକଙ୍କୁ ସେତିକି ସମୟ ଦେଇପାରିନାହିଁ। କିନ୍ତୁ ମୁଁ ନିଶ୍ଚିତ କହିପାରିବି ଯେ, ମୋର ୧୦ ବର୍ଷ ପୂର୍ଣ୍ଣ ହେଲେ, ଆପଣମାନେ ମୋ ପାଇଁ ହିସାବ ମାଗିବାର ପୂର୍ଣ୍ଣ ଅଧିକାର ରଖନ୍ତି। ଏହି ୧୦ ବର୍ଷରେ ଦେଶର ସମସ୍ତ ସଂସଦୀୟ ଅଞ୍ଚଳ ମଧ୍ୟରୁ ସବୁଠାରୁ ଅଧିକ ବିକାଶ କାମ ଯଦି କେଉଁଠି ହୋଇଛି, ତାହା ଆମର ଗାନ୍ଧୀନଗରରେ ହୋଇଛି। ଏହି ଦାୟିତ୍ୱ ମୋ ଓ (ପୃଷ୍ଠା ୭ରେ)

## ଏକାଳ ପଖାଳ



ପୂଜା ବଜାରରେ ଦୋକାନ ବଜାର
ଜୋରଦାର ପୂରା ଭିଡ଼
ହେବନି କେମିତି କହିଲେ ଦେଖି
ହେଇଛି ଜିଏସଟି ଛାଡ଼
ଅଳପ ପଇସା କାଢ଼
ସଞ୍ଚୟ ଉତ୍ସବ କହିଛନ୍ତି ପିଏମ୍
ସଞ୍ଚୟ କରିଯା ବଡ଼।

# ପୃଥିବୀକୁ ଛାରଖାର କରିଦେବ 'ମାଇକ୍ରୋନୋଭା'



ନୂଆଦିଲ୍ଲୀ, ୨୪।୯

ମହାକାଶ ପାଣିପାଗ ବିଶେଷଜ୍ଞ ବଡ଼ ଚେତାବନୀ। ମାଡ଼ିଆସୁଛି ଭୟଙ୍କର ସୌର ଝଡ଼। ଯାହା ୯୦ ପ୍ରତିଶତ ମାନବଜାତିକୁ ନିଶ୍ଚିହ୍ନ କରିପାରେ। ଯେକୌଣସି ସମୟରେ ବିନାଶ ଘଟିପାରେ। ସ୍ପେଶ୍ ୱେଦର ନ୍ୟୁଜ୍‌ର ପ୍ରତିଷ୍ଠାତା ବେନ୍ ଡେଭିଡସନ୍ କହିଛନ୍ତି ଯେ, ଏକ ଜିଓମ୍ୟାଗ୍ନେଟିକ୍ ଜିଜାଷ୍ଟର ଅର୍ଥାତ୍ ଭୂ-ଚୁମ୍ବକୀୟ ବିପର୍ଯ୍ୟୟ ପୃଥିବୀର ଅଧିକାଂଶ ଜୀବସତ୍ତାକୁ ବିଲୁପ୍ତ କରିପାରେ। ସୌରମଣ୍ଡଳର 'ମାଇକ୍ରୋନୋଭା' ଏକ ଚୁମ୍ବକୀୟ ପୋଲ୍ ପରିବର୍ତ୍ତନର କାରଣ ହୋଇପାରେ, ଯାହା ଜଳବାୟୁରେ ପରିବର୍ତ୍ତନ ଆଣିପାରେ। ଏଥିସହ ସୁନାମୀ ଏବଂ ଶେଷରେ ଜୀବନସତ୍ତା ଲୋପ କରିପାରେ। ଗତ କିଛି ବର୍ଷ ଧରି ସୂର୍ଯ୍ୟ ଅତ୍ୟନ୍ତ ସକ୍ରିୟ ଥିବାରୁ ଏକ ସୌର ବିସ୍ଫୋରଣ ହେବାର ସମ୍ଭାବନା ବହୁତ ଅଧିକ ରହିଛି।

ସୌର ଝଡ଼ ଏକ ନିୟମିତ ଘଟଣା। ଯଦି ମହାକାଶରେ ଥିବା ତାରାଗୁଡ଼ିକ ବିପୁଳ ପରିମାଣର ପ୍ଲାଜ୍ମା ଛାଡ଼ନ୍ତି, ତେବେ ଏହାର ପ୍ରଭାବ ପୃଥିବୀ ଉପରେ ପଡ଼ିବ ବୋଲି ବିଶେଷଜ୍ଞମାନେ କୁହନ୍ତି। ଡେଭିଡସନ୍ କହିଥିଲେ ଯେ, ପ୍ରତି ୬ ହଜାର ବର୍ଷରେ ସୌର ବିସ୍ଫୋରଣ ଘଟେ। ପ୍ରତି ୧୨ ହଜାର ବର୍ଷରେ ଥରେ (ପୃଷ୍ଠା ୭ରେ)

# ଆଜିଠୁ ରାଜ୍ୟରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୪।୯

ନ୍ୟୁଜ୍‌ବ୍ୟୁରୋ



ଦକ୍ଷିଣ-ପଶ୍ଚିମ ମୌସୁମୀ ଓ ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶାରେ ଆସନ୍ତା ୪ ଦିନ ପ୍ରବଳ ବର୍ଷା ହେବ। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, କେନ୍ଦ୍ରୀୟ ବଙ୍ଗୋପ-ସାଗରରେ ୨୫ ସେପ୍ଟେମ୍ବର ସୁଦ୍ଧା ଲଘୁଚାପ ସୃଷ୍ଟି ହେବ, ଯାହା ୨୬ ସୁଦ୍ଧା ଅବପାତରେ ଘନୀଭୂତ ହୋଇ ୨୭ ସେପ୍ଟେମ୍ବରରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ଅତିକ୍ରମ କରିବ। ୨୪ ସେପ୍ଟେମ୍ବର ପାଇଁ କୋରାପୁଟ, ନବରଙ୍ଗପୁର ଓ ନୂଆପଡ଼ାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି, ଯେଉଁଠାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ୩୦-୪୦ କିମି ବେଗରେ ପବନ ହେବ। ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଓ ବାଲେଶ୍ୱରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୫ରୁ ୨୭ ସେପ୍ଟେମ୍ବର ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ସହ ୪୦-୫୦ କିମି ବେଗରେ ପବନ ହେବ। ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ବର୍ଷା ହେବାରସମ୍ଭାବନା ରହିଛି।

# ଉପର ପଡ଼ିଆକୁ ବାଲିଯାତ୍ରା ନକ୍ସାରୁ ହଟାଇବା ଯୋଜନା : ଦାନା ବାନ୍ଧୁଛି ଅସନ୍ତୋଷ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଐତିହାସିକ ବାଲିଯାତ୍ରା-୨୦୨୫କୁ କେବଳ ତଳ ପଡ଼ିଆରେ ଆୟୋଜନ କରିବାର ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକୁ ନେଇ ଅସନ୍ତୋଷ ଦାନା ବାନ୍ଧୁଛି । ଉପର ପଡ଼ିଆକୁ ବାଲିଯାତ୍ରା ନକ୍ସାରୁ ହଟାଇବାକୁ ସହରବାସୀ ଗ୍ରହଣ କରୁନଥିବା ବେଳେ ଏ ବାବଦରେ ପ୍ରଶାସନ ଓ ରାଜ୍ୟ ସରକାର ପୁନଃବିଚାର କରନ୍ତୁ ବୋଲି ଦାବି କରାଯାଉଛି । ଗୁରୁବାର ଦିନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏ ବାବଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିବା ବେଳେ ଶୁକ୍ରବାର କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟି ମିଳିତ ଭାବେ ଏହାର ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିଲେ । ଉପରପଡ଼ିଆରେ ବି ବାଲିଯାତ୍ରା ହେଉ ବୋଲି ରାଜ୍ୟ ସରକାରଙ୍କୁ ଦାବି ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପଠାଯିବ ଏବଂ ଆବଶ୍ୟକ ସ୍ଥଳେ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସହରବାସୀଙ୍କ ଉଦ୍ଦେଶ୍ୟରେ ସମୂହ ଦାବି ରଖିବେ । ବାଲିଯାତ୍ରାକୁ କେବଳ ତଳ ପଡ଼ିଆରେ ସୀମିତ ରଖିବା ନେଇ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ତେବେ କେବଳ ତଳ ପଡ଼ିଆରେ ବାଲିଯାତ୍ରା ଆୟୋଜନ ଭବିଷ୍ୟତରେ ମେଳାର ଅସ୍ତିତ୍ୱକୁ ସଙ୍କଟରେ ପକାଇଥିବା ବେଳେ ପ୍ରଶାସନ ପକ୍ଷରୁ ଏ ବାବଦରେ କଟକ ସହରବାସୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇନାହିଁ । ପୂର୍ବରୁ ବାଲିଯାତ୍ରା ବୈଠକରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ, ଉପର ପଡ଼ିଆକୁ ବାଲିଯାତ୍ରା ନକ୍ସାରୁ ବାଦ୍ ଦେବା ବାବଦରେ ପ୍ରଶାସନ ତରଫରୁ କଟକର କିଛି ଜନପ୍ରତିନିଧିଙ୍କ ମତାମତ ମଗାଯାଇଥିଲା । କିନ୍ତୁ କେହି ଏ ବାବଦରେ କିଛି ପ୍ରସ୍ତାବ ଦେଇ ନଥିବାରୁ ଆମେ କେବଳ ତଳ ପଡ଼ିଆରେ ବାଲିଯାତ୍ରା ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲୁ । ତେଣୁ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ପ୍ରଶାସନ ତରଫରୁ ଜନପ୍ରତିନିଧିଙ୍କୁ କେବଳ ମୋହରା କରି ତାଙ୍କୁ ଏଥିରେ ସମ୍ପୃକ୍ତ କରାଯାଇଥିଲା । କେବଳ ଜନପ୍ରତିନିଧି କାହିଁକି ପ୍ରଶାସନ କଟକ ସହରର ବୁଦ୍ଧିଜୀବୀ, ଅନୁଷ୍ଠାନ, ସଂଗଠନ, ସାମାଜିକ କର୍ମୀଙ୍କ ପ୍ରସ୍ତାବ ମଧ୍ୟ ନିଆଯିବା ଜରୁରୀ ଥିଲା । କିନ୍ତୁ ସେଭଳି କୌଣସି ଉଦ୍ୟମ ଆୟୋଜକ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇ ନଥିବାରୁ ଅସନ୍ତୋଷ ଦାନା ବାନ୍ଧିଛି । ଏ ବାବଦରେ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଉପର ପଡ଼ିଆ ହେଉଛି ବାଲିଯାତ୍ରାର ସ୍ମାରକୀ । ଏହାକୁ ଛାଡ଼ି ବାଲିଯାତ୍ରା କଥା ଚିନ୍ତା କରାଯାଇ ନ ପାରେ । ଏହା ଭୁଲ୍ ହେବ ଯଦି ପ୍ରଶାସନ କେବଳ ତଳ ପଡ଼ିଆରେ କରିବାକୁ ଚାହୁଁଛି । କିଛି ନ ହେଲେ ବି ଉଠା ଦୋକାନୀଙ୍କୁ ଉପର ପଡ଼ିଆରେ ବସିବାକୁ ସୁଯୋଗ ଦେଲେ ପରମ୍ପରା ବଜାୟ ରହିବ ବୋଲି ଶ୍ରୀ ତ୍ରିପାଠୀ ମତ ରଖିଛନ୍ତି । ଏ ବାବଦରେ ଶାନ୍ତି କମିଟି ଓ ପୂଜା କମିଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଖୁବ୍ ଶୀଘ୍ର ନିବେଦନ କରାଯିବ । ଅନ୍ୟପକ୍ଷରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି, ବାଲିଯାତ୍ରା ଉପର ପଡ଼ିଆ ଯୋଗୁଁ ଲୋକପ୍ରିୟତା ହାସଲ କରିଥିଲା । ପରେ ଏହାକୁ ତଳ ପଡ଼ିଆକୁ ନିଆଯାଇଥିଲା । ଏବେ ଉପର ପଡ଼ିଆକୁ ବାଲିଯାତ୍ରା ନକ୍ସାରୁ ବାଦ୍ ଦେବା ଉଚିତ୍ ନୁହେଁ । ଏ ସହରର ଇତିହାସ ବାଲିଯାତ୍ରା ସହ ଜଡ଼ିତ ରହିଛି । ତେଣୁ ଜିଲ୍ଲା ପ୍ରଶାସନ ଯାହା ଯୋଜନା କରୁଛି ତାହା ଠିକ୍ ନୁହେଁ । ଭାଇଚାରା ସହରରେ ଏତେ ଅନ୍ୟାୟ କରିବା ଶୋଭନୀୟ ହେଉନାହିଁ । ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ଜିଲ୍ଲା ପ୍ରଶାସନ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଅନ୍ତତଃପକ୍ଷେ କଟକ ସହରବାସୀ କ'ଣ ଚାହୁଁଛନ୍ତି ସେମାନଙ୍କ ମତାମତ ଲୋଡ଼ିବା ଦରକାର । ମନଇଚ୍ଛା ଉପର ପଡ଼ିଆକୁ ବାଦ୍ ଦେଲେ ଚଳିବନାହିଁ । ଲୋକ, ବ୍ୟବସାୟୀ ଏବଂ ବାଲିଯାତ୍ରା ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ମତାମତ ଜିଲ୍ଲା ପ୍ରଶାସନ ନେବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ ।

# ପୁଣି ବାଦଲଫଟା ବର୍ଷାରେ ଧୋଇଗଲା କଳିଙ୍ଗା ଘାଟି ରାସ୍ତା



**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ପୁଣି ବାଦଲ ଫଟା ବର୍ଷାରେ କଳିଙ୍ଗା ଘାଟି ରାସ୍ତା ଧୋଇହୋଇ ଯାଇଛି । ପାହାଡ଼ରୁ ପ୍ରବଳ ବର୍ଷା ପାଣି ଆସିବାରୁ ନିର୍ମାଣ ଲାଗି ପଡ଼ିଥିବା ପଥର, ବାଲି ଏବଂ ଗୋଡ଼ି ଧୋଇ ହୋଇଯାଇଛି । ଗତ ସେପ୍ଟେମ୍ବର ୧୬ ତାରିଖରେ କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଥାନା ଅନ୍ତର୍ଗତ କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟିଥିଲା । ପ୍ରବଳ ବର୍ଷା ଯୋଗୁ ପାହାଡ଼ରୁ ମାଟି ଅତଡ଼ା ଏବଂ ପଥର ଖଣ୍ଡ ଧସିଯାଇଥିଲା । ଫଳରେ କନ୍ଧମାଳରୁ ଗଞ୍ଜାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଭୂସ୍ଖଳନ ଯୋଗୁଁ କଳିଙ୍ଗା ଘାଟିରେ ବହୁ ଗାଡ଼ିମୋଟର ଫସି ରହିଥିଲା । ସେପ୍ଟେମ୍ବର ୧୮ ତାରିଖରେ ୩ ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ । ଏହାପରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଚାଲିଥିଲା । ମାତ୍ର ପୁନର୍ବାର ବାଦଲ ଫଟା ବର୍ଷା ନିର୍ମାଣ ଲାଗି ପଡ଼ିଥିବା ପଥର, ବାଲି ଏବଂ ଗୋଡ଼ି ସବୁକୁ ଧୋଇନେଇ ଯାଇଛି । ତେବେ ଭୂସ୍ଖଳନ ପରଠାରୁ କନ୍ଧମାଳ ଓ ଗଞ୍ଜାମ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି ।

# ଧାମରା ପୋର୍ଟ ସମ୍ମୁଖରେ ଗଣଧାରଣା




**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ଧାମରା ପୋର୍ଟ ସମ୍ମୁଖରେ ଗଣଧାରଣା ଦିଆଯାଇଛି । ବନ୍ଦର କାର୍ଯ୍ୟରେ ନିଯୋଜିତ ଠିକାଦାର ମାନଙ୍କର ଶ୍ରମିକ ଶୋଷଣ ନୀତି, ବାର୍ଷିକ ବେତନ ବୃଦ୍ଧି ନ ହେବା ଓ କୌଣସି କାରଣ ନ ଥାଇ କାମରୁ ଛଟେଇ କରିବା ପ୍ରତିବାଦରେ ସୋମବାର କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି । ନିକଟରେ ୮ ଜଣ ଶ୍ରମିକଙ୍କୁ କାମରୁ ବହିଷ୍କାର କରିବା ଏବଂ ସେମାନଙ୍କର ଦାବି ପୂରଣ ନ କରିବାକୁ ସଂଘ ଘୋର ବିରୋଧ କରିଛି । ଶ୍ରମିକମାନଙ୍କୁ ୧୨ ଘଣ୍ଟା କାର୍ଯ୍ୟ କରାଇ ୮ ଘଣ୍ଟାର ହାଜିରା ପ୍ରଦାନ କରିବା ଏବଂ ଶ୍ରମ ଆଇନ ଦ୍ୱାରା ପ୍ରଣୀତ ଓ ବୈଧାନିକ ବ୍ୟବସ୍ଥାକୁ ଲାଗୁ ନ କରିବା, ବାର୍ଷିକ ବେତନ ବୃଦ୍ଧି ବର୍ତ୍ତମାନ ପର୍ଯ୍ୟନ୍ତ ନ କରିବା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯିବା ନେଇ ଚେତାବନୀ ଦିଆଯାଇଛି ।

# 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି' ପୁସ୍ତକ ଉନ୍ମୋଚିତ



**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ସାଲେପୁର ବ୍ଲକ ସତ୍ୟଭାମାପୁର ସ୍ଥିତ ମଧୁବାବୁଙ୍କ ଜନ୍ମପୀଠରେ ଆଜି ଯୁବଲେଖକ ସୌମ୍ୟରଞ୍ଜନ ଭୂୟାଁଙ୍କ ଲିଖିତ 'ସାହିତ୍ୟ ପ୍ରାଣ ସୁରେନ୍ଦ୍ର ମହାନ୍ତି' ପୁସ୍ତକର ଶୁଭ ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ତଥା ସଂଗଠକ ରାଜୀବ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ରୂପେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ସୁନାମଣୀ ରାଉତ ଯୋଗଦେଇ ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଏକ ଅବିସ୍ମରଣୀୟ ବ୍ୟତିତ୍ୱ ଭାବରେ ବେଶ୍ ପରିଚିତ ବୋଲି କହିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ଶଶଧର ପଣ୍ଡା ଯୋଗ ଦେଇ କହିଥିଲେ ଯେ, ଯୁବଲେଖକ ସାହିତ୍ୟକୁ ଆସିଲେ ହିଁ ସାହିତ୍ୟ ବଞ୍ଚିପାରିବ । ବରେଣ୍ୟ ଅତିଥିଭାବରେ ଯୋଗ ଦେଇଥିଲେ ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ସଂଗଠକ ହିମାଂଶୁ ମହାନ୍ତି । ତାଙ୍କ ବକ୍ତବ୍ୟରେ ସେ ସୁରେନ୍ଦ୍ର ମହାନ୍ତିଙ୍କୁ ଓଡ଼ିଶାର ଅସ୍ମିତା ପୁରୁଷ ବୋଲି କହିଥିଲେ । ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରାଧ୍ୟାପକ ତଥା ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ସୁରେନ୍ଦ୍ରଙ୍କ ସାହିତ୍ୟ କୃତି ବିଷୟରେ ଆଲୋକପାତ କରିଥିଲେ ।

# ସୁକିନ୍ଦାରେ ସାରର ଘୋର ଅଭାବ : ଚାଷୀ ମହଲରେ ଉତ୍ତେଜନା

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସମବାୟ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ତଥା ନିଜ ଗ୍ରାମ ସୁକିନ୍ଦା ପ୍ରାଥମିକ କୃଷି ସମବାୟ ସମିତିରେ ସାରର ଘୋର ଅଭାବ ଦେଖାଯାଇଛି । ଚାଷୀ ସାର ନ ପାଇ ହତାଶହୋଇ ପଡ଼ିଛନ୍ତି । ଏହି ଅବସ୍ଥା ସାରା ରାଜ୍ୟରେ ଦେଖାଯାଇଛି । ବିଭାଗୀୟ ମନ୍ତ୍ରୀ ସାର ଅଭାବ ନାହଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି । ସମଗ୍ର ରାଜ୍ୟ ସାର ଯୋଗାଇବାରେ ଡବଲ ଇଞ୍ଜିନି ସରକାର ବିଫଳ । ଏ ସମ୍ପର୍କରେ ବିରୋଧୀ ଦଳଗୁଡିକ ବିଧାନସଭାରେ ତୁମ୍ବି ଥୋପାନା କରି ଗୃହକୁ ଅଚଳ କରିଥିଲେ । ସମବାୟ ମନ୍ତ୍ରୀଙ୍କ ଗାଁ ଥିବା ପ୍ରଥମିକ କୃଷି ସମବାୟ ସମିତିରେ ଚାଷୀମାନେ କିପରି ସାର ପାଇଁ ହଟହଟା ହେଉଛନ୍ତି ତାହା ଦେଖିବାକୁ ମିଳିଛି । ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକିନ୍ଦା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ବହୁ ଚାଷୀ ସାର ପାଇଁ ଆସିଥିବା ବେଳେ ସାର ନଥିବାକୁ ନେଇ ଉତ୍ତେଜନା ଦେଖାଯାଇଥିଲା । ଚାଷୀମାନଙ୍କୁ ସାର ଦେବାପାଇଁ ସମବାୟ ସମିତିକୁ ଡାକିଦେଉଛନ୍ତି । ଚାଷୀମାନେ ସାର ନେବା ପାଇଁ ଆସିଥିବା ବେଳେ ସୁକିନ୍ଦା ସମବାୟ ସମିତିରେ ସାର ଦେଉଥିବା କର୍ମଚାରୀ ଆଜି ସାର ନାହିଁ କାଲିକି ଆସ କହୁଛନ୍ତି । ଏମିତି ବାରମ୍ବାର କହୁଥିବା ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଯାହାକୁ ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି । ସମବାୟ ସମିତିର ଅଧିକାରୀ କହୁଛନ୍ତି ସାର ଆସୁଛି ଚାଷୀମାନଙ୍କୁ ଦିଆଯାଉଛି ।

# ବୁଢ଼ାରଜା ପୀଠରେ ମା' ବନଦୁର୍ଗାଙ୍କ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ଦୀର୍ଘ ବର୍ଷର ଅପେକ୍ଷା ପରେ ସୋନପୁର ବୁଢ଼ାରଜା ଛକ ସ୍ଥିତ ପୀଠରେ ମା' ବନଦୁର୍ଗାଙ୍କ ପ୍ରତିମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ହୋଇଯାଇଛି । ଏହି ଅବସରରେ ଚଣ୍ଡୀ ଯଜ୍ଞ ଆୟୋଜନ ସହ ଏକ ଭକ୍ତିମୟ ପରିବେଶରେ ଧୂମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଜଗନ୍ନାଥ ଦାସ, ସର୍ବେଶ୍ୱର ମିଶ୍ର, ରଜନୀକାନ୍ତ ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ବଳରାମ ମିଶ୍ର, ସଭାପତି ଦିବ୍ୟରଞ୍ଜନ ସାହୁ, ସଂପାଦକ ଚିତ୍ତରଞ୍ଜନ ଭୋଇ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ତାପସ କୁମାର ବେହୁରା, ଶିବ ଶଙ୍କର ନାଏକ, ଅରବିନ୍ଦ ଝା, ଶୈଳେନ୍ଦ୍ର ବାରିକ, ବଳରାମ ସା, ଅରୁଣ ମେହେର, ଦେବାଶିଷ ବାରିକ, ପ୍ରକାଶ ସିଂ, ତପନ ସାହୁ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥଲେ । ଆସନ୍ତା ୨୧ ତାରିଖ ଐତିହାସିକ ମହାଳୟା ବଳିଯାତ୍ରା ୨୦୨୫ ପାଇଁ ବୁଢ଼ାରଜା ପୀଠରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଅବସରରେ ଏକ ମେଲୋଡ଼ି କାର୍ଯ୍ୟକ୍ରମ ମହାଳୟା ଦିନ ଅନୁଷ୍ଠିତ ହେବାକୁ ଥିବା ବେଳେ ବୁଢ଼ାରଜା ୟୁଥ୍ ଆସୋସିଏସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।

# 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନର ସଫଳତା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ବ୍ଲକ୍ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ-୨୦୨୫ ସ୍ୱାସ୍ଥ୍ୟ ବିଶେଷଜ୍ଞ ଶିବିର ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅଧ୍ୟକ୍ଷ ଡାକ୍ତର ରାମଶଙ୍କର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଏବଂ ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାସ, ଉପ-ଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ଡିଏସଡବ୍ଲୁଓ ଅନୁପମା ପଣ୍ଡା ଏବଂ ସିଡିପିଓ ସାଗରୀକା ସ୍ୱାଇଁ ଯୋଗ ଦେଇଥିଲେ । ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ରାମଶଙ୍କର ତ୍ରିପାଠୀ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ମାନିତ କରିଥିଲେ । ମଞ୍ଚାସୀନ ସମସ୍ତ ଅତିଥି ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ସଫଳତା ନେଇ ନିଜନିଜ ସୁ-ଅଭିଭାଷଣ ରଖିଥିଲେ । ପରିଶେଷରେ ନିକ୍ଷ୍ୟ ମିତ୍ର ପଞ୍ଜୀକରଣ ଓ ଯକ୍ଷ୍ମା ରୋଗୀଙ୍କୁ ପୋଷଣ ଖାଦ୍ୟ ସାଂସଦ ବଣ୍ଟନ କରିଥିଲେ । ଶିବିରରେ ବିଶେଷଜ୍ଞ ଡା. ବେଣୁଧର ପାଣ୍ଡେ, (ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ), ଡା. ତୁଷାରକାନ୍ତ ଠାକୁର (ଚର୍ମ ରୋଗ ବିଶେଷଜ୍ଞ) ଡ଼ା. ତ୍ରିବିକ୍ରମ ପାଣ୍ଡିଆ (ମାନସିକ ରୋଗ ବିଶେଷଜ୍ଞ), ଡା. ରଶ୍ମିରଂଜନ ହୋତା (ଗଳା ଓ ନାସା ରୋଗ ବିଶେଷଜ୍ଞ), ଡା. ମୌସମ ମହାନ୍ତି (ଚକ୍ଷୁ ରୋଗ ବିଶେଷଜ୍ଞ), ଡା. କୃତିବାସ ସୁବୁଦ୍ଧି (ଅସ୍ଥି ରୋଗ ବିଶେଷଜ୍ଞ), ଡା. ସେକ ନେଇମ ବକ୍ସ (ଭେଷଜ ବିଶେଷଜ୍ଞ) ପ୍ରମୁଖ ରୋଗୀ ସେବା ପ୍ରଦାନ କରିଥିଲେ । ସ୍ଥାନୀୟ ବିଭିନ୍ନ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରୁ ଚିହ୍ନଟ ହୋଇଥିବା ରୋଗୀ ଏବଂ ଆଶା ଓ ଅଙ୍ଗନୱାଡି ଦିଦିମାନଙ୍କ ସହାୟତାରେ ବିଭିନ୍ନ ଗ୍ରାମରୁ ୬୨୨ ଜଣ ମହିଳା ରୋଗୀମାନେ ଆସି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲେ । ଏହି ଅଞ୍ଚଳର ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଜାତୀୟ ପୋଷଣ ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା । ବ୍ଲକ ସ୍ୱାସ୍ଥ୍ୟ ପରିଚାଳକ ପ୍ରିୟରଞ୍ଜନ ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ ନଳିନୀ ପ୍ରଭା ମେହେରଙ୍କ ତତ୍ତ୍ୱାବଧାନରେ ଏବଂ ଡା. ପୂଜାଶ୍ରୀ ମିଶ୍ର, ଡା. ମାତାଙ୍ଗିନୀ ମହାନ୍ତ (ଆୟୁଷ), ଡା. ଖୁସବୁ ଅଗ୍ରୱାଲ (ଡେଣ୍ଟାଲ ) ସ୍ୱାସ୍ଥ୍ୟ ପରୀକ୍ଷାରେ ଏବଂ ନାମ ପଞ୍ଜୀକରଣରେ ନମିତା ବାଘ ଓ ଇନ୍ଦୁଲତା ସେଠି ଏବଂ ଏମ.ଆର.ଏ ସୁଶାନ୍ତ ନାଏକ ପଞ୍ଜିକୃତ ଦାୟିତ୍ୱ ରେ ରହି ସୁଚାରୁ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ଏହା ସମେତ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବିକଶିତ ଭାରତ-୨୦୪୭ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା ତଥା ଚିତ୍ରକଳା ପ୍ରତିଯୋଗିତା

**ବାଲେଶ୍ୱର, ନ୍ୟୁଜ୍**



'ସେବା ପର୍ବ ୨୦୨୫' ଉପଲକ୍ଷେ ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ତଥା ଚିତ୍ରକଳା ପ୍ରତିଯୋଗିତା ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟଠାରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଆୟୋଜିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ଯୋଗ ଦେଇ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ ସେବା ପର୍ବ -୨୦୨୫ ଉପଲକ୍ଷେ ୧୭ ସେପ୍ଟେମ୍ବର ଠାରୁ ୦୨ ଅକ୍ଟୋବର ୨୦୨୫ ମଧ୍ୟରେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ଜିଲ୍ଲା, ବ୍ଲକ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ବେହେରା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଦେବା ସହ ଚିତ୍ରକଳା କ୍ଷେତ୍ରରେ ସେମାନଙ୍କ ସଫଳତା କାମନା କରିଥିଲେ । ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଦାସ ପ୍ରତିଯୋଗୀମାନଙ୍କୁ 'ବିକଶିତ ଭାରତ ୨୦୪୭' ବିଷୟକୁ ଆଧାର କରି କିପରି ଚିତ୍ରାଙ୍କନ କରିବେ ସେ ବିଷୟରେ ସବିଶେଷ ବିବରଣୀ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରତିଯୋଗିତା ଆୟୋଜନର ପ୍ରାରମ୍ଭିକ ସୂଚନା ଦେବା ସହ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ବୃତ୍ତିଗତ ଚିତ୍ରକାରମାନେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ୩ ଗୋଟି ବର୍ଗରେ ଯଥା- ବୃତ୍ତିଗତ ଚିତ୍ରକାର, ବିଦ୍ୟାଳୟ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା । ପ୍ରତିଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ଚିତ୍ରକଳାଗୁଡିକୁ ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ ଏବଂ ବ୍ରଜ ନାରାୟଣ ଷଡ଼ଙ୍ଗୀ ମୂଲ୍ୟାୟନ କରି ୩ ଗୋଟି ବର୍ଗର ଶ୍ରେଷ୍ଠ ଚିତ୍ରକଳାଗୁଡିକୁ ଚୟନ କରିଥିଲେ । ଜିଲ୍ଲାସ୍ତରରେ ଚୟନିତ କଳାକୃତିଗୁଡିକ ୨୫ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହେବା ସହ ମୂଲ୍ୟାୟନ କରାଯିବ । ସେଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯିବ ।

# ଆମ ପୋଲିସ୍ ସମିତି ବୈଠକ




**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ପୋଲିସ୍ ଥାନାରେ ନୂତନ ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଯୋଗ ଦେବା ପରେ ଦୀର୍ଘ ୩ ବର୍ଷ ପରେ ଆମ ପୋଲିସ୍ ସମିତି ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ କଣ୍ଟାବାଞ୍ଜି ଥାନା ପରିସରରେ ଥିବା ସଭାଗୃହରେ ହୋଇଥିବା ଏହି ବୈଠକରେ ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ମଧ୍ୟ ଯୋଗଦେଇଥିଲେ । ନୂତନ ଥାନା ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ କଣ୍ଟାବାଞ୍ଜିରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସମସ୍ତଙ୍କ ଠାରୁ ମତ ବିନିମୟ କରିଥିଲେ, ଟ୍ରାଫିକ ସମସ୍ୟା, ବେଆଇନ କାର୍ଯ୍ୟ, ଦୁର୍ଗାପୂଜାରେ ବିଶେଷ ଭାବେ କଟଗଣା ସହିତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲ । ଏହି ଅବସରରେ କଣ୍ଟାବାଞ୍ଜି ବ୍ୟବସାୟୀ ସଂଘରୁ ଅନିଲ ଅଗ୍ରୱାଲ, ଠେଲା ବ୍ୟବସାୟୀ ସଂଘରୁ ପ୍ରଦୀପ ବାଗ, ହେମାଳ ସଂଘରୁ ସେସଦେବ ପୁଟେଲ, ଟ୍ରକ୍ ମାଲିକ ସଂଘରୁ ପ୍ରବଜିତ୍ ସିଂହ ସାଲୁଜା, ରେଲୱେ ଯାତ୍ରୀ ସଂଘରୁ ଆଶିଷ ଖଇତାନ, ପ୍ରେସ୍ କ୍ଲବ୍‌ରୁ ସୁରଦାସ ବାଗ, ସାମ୍ବାଦିକ ସଂଘରୁ ବିମଳ ଦାସ, ଚ୍ୟାମ୍ବର କମର୍ସରୁ ଅନିଲ ଅଗ୍ରୱାଲ ବଦର୍ସ, କେଟ୍‌ରୁ କୈଳାଶ ଅଗ୍ରୱାଲ, ସହ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା : ୫୦ ପ୍ରକଳ୍ପ ପ୍ରଦର୍ଶିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**




ରାମଗଡ଼ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ମୟୂର ବିହାର ଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପାଳନ କରାଯାଇଛି । ଏହି ଅବସରରେ ଗୋପାଳ କୃଷ୍ଣ ଉଚ୍ଚବିଦ୍ୟାଳୟ ସୁବଳୟାର ବିଜ୍ଞାନ ଶିକ୍ଷୟିତ୍ରୀ ମନିଷା ବିଶ୍ୱାସ ଓ ଲଙ୍ଗଳେଶ୍ୱର ହାଇସ୍କୁଲର ଗଣିତ ଶିକ୍ଷକ ପ୍ରମୋଦ କୁମାର ମହାରଣା ଯୋଗ ଦେଇ ଶିଶୁ ଭାଇ ଭଉଣୀମାନଙ୍କ ପ୍ରକଳ୍ପଗୁଡିକୁ ଅନୁଧ୍ୟାନ କରିବା ସହ ମୂଲ୍ୟାଙ୍କନ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୁରୁମା ଅଞ୍ଜନା ମୁଦୁଲି ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ସଂଯୋଜନା ଓ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ସି.ଏସ୍.ଆର୍ ଆଦାନୀ ଫାଉଣ୍ଡେସନ ମୁଖ୍ୟ ଦେବଦତ୍ତ ମିଶ୍ର ଯୋଗ ଦେଇ ବିଜ୍ଞାନର ସମାଜରେ ଉପୋଯୋଗିତା ଉପରେ ଧାରଣା ଦେଇଥିଲେ ଜୟ୍ ଜବାନ୍ ଜୟ୍ କିଶାନ୍ ଓ ଜୟ ବିଜ୍ଞାନର ଶ୍ଲୋଗାନ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ରୂପେ ରମ୍ଭା ସରକାରୀ ଡାକ୍ତରଖାନା ର ଡାକ୍ତର ମୀରା ପଣ୍ଡା ଯୋଗଦେଇ ନିଜର କବିତା, ପ୍ରେରଣାଦାୟକ ଉପଦେଶ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆଗ୍ରହୀ ଓ ସୃଜନଶୀଳ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲାବେଳେ ଗୁରୁମା ସସ୍ମିତା ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ । ରାମଗଡ଼ ଅଞ୍ଚଳର ପୂର୍ବତନ ନାଏବ ସରପଞ୍ଚ କମେଶ୍ୱର ପଲାଇଙ୍କ ସହ ରମ୍ଭା ଯୁବ ନେତା ରାମ ପ୍ରସାଦ ସେନାପତି ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ଜ୍ୟୋତିର୍ମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି. ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ସିଲି ପଲାଇ, ସୁନିତା ସାହୁ, ସୂର୍ଯ୍ୟକାନ୍ତି ନାହାକ, ସ୍ମୃତି ରେଖା ବେହେରା, ଧୂଶାସନ ସାହୁ ସମେତ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ । ଜ୍ଞାନ ବିଜ୍ଞାନ ମେଳାରେ ୫୦ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

# ପୋଷା କୁକୁରକୁ ଆପାର୍ଟମେଣ୍ଟ ଲିଫ୍ଟ ମନା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁରଙ୍କ ସ୍ଥାନାନ୍ତର ପ୍ରସଙ୍ଗରେ ସାରା ଦେଶରେ ଆନ୍ଦୋଳନ ଓ ପ୍ରତିବାଦ ହେଲା । ଶେଷରେ କୋର୍ଟ ନିଜ ଆଦେଶ ବଦଳାଇଲେ । ଏବେ ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ସେକ୍ଟ୍ରମ୍ ହାଉସ୍ ଆପାର୍ଟମେଣ୍ଟରେ ପୋଷା କୁକୁରକୁ ଲିଫ୍ଟରେ ନେବା ଆଣିବାକୁ କେନ୍ଦ୍ର କରି ନୂଆ ସମସ୍ୟା ଆରମ୍ଭ ହୋଇଛି । ଘଟଣା ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପାଖରେ ପହଞ୍ଚିଲାଣି । ଗୋଟିଏ ପଟେ ସ୍ପେକ୍ଟ୍ରମ୍ ହାଇଟସ୍ ୱେଲ୍‌ଫେୟାର ଆସୋସିଏସନ୍ ବିଭିନ୍ନ କାରଣ ଦର୍ଶାଇ ପୋଷା କୁକୁରକୁ ଲିଫ୍ଟରେ ନେବା ଆଣିବା ପାଇଁ ବାରଣ କରୁଥିବା ଅଭିଯୋଗ ଉଠିଛି । ଅନ୍ୟପଟେ ଲିଫ୍ଟରେ କୁକୁର ନେବା ଆଣିବା ପାଇଁ ଅନୁମତି ଦେବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବବିତା ପାତ୍ର । ସ୍ଥିତି ଜଟିଳ ହେଉଥିବାରୁ ବିଏମ୍‌ସି ଅଧିକାରୀ, ପ୍ରାଣୀ ଚିକିତ୍ସକ ଏବଂ ପିପୁଲ୍ସ ଫର୍ ଆନିମଲ୍‌ର ସଦସ୍ୟମାନେ ଆପାର୍ଟମେଣ୍ଟକୁ ଯାଇ ଉଭୟ ପକ୍ଷ ସହ ଆଲୋଚନା କରିଛନ୍ତି । ସିଏଚ୍ ମନୋଜ ପାତ୍ର ଓ ବବିତା ପାତ୍ର ପ୍ରାୟ ତିନି ବର୍ଷ ହେବ ଗାନ୍ଧୀନଗରସ୍ଥିତ ସ୍ପେକ୍ଟ୍ରମ୍ ହାଇଟ୍‌ସ୍ ଆପାର୍ଟମେଣ୍ଟର ପଞ୍ଚମ ମହଲାରେ ଭଡ଼ାରେ ରହୁଛନ୍ତି । ସାଙ୍ଗରେ ଏକ ପୋଷା କୁକୁର ମଧ୍ୟ ରହିଛି । କୁକୁରଙ୍କୁ ଲିଫ୍ଟ ବ୍ୟବହାର ଅନୁମତି ସର୍ତ୍ତରେ ମନୋଜଙ୍କ ପରିବାର ଭଡ଼ାରେ ରହିଥିଲେ । ଦୁଇ ବର୍ଷ ଠିକ୍‌ଠାକ୍ ଚାଲିଥିଲା । ମନୋଜଙ୍କ ପରିବାର ଲିଫ୍ଟ ବ୍ୟବହାର କରି ପ୍ରତିଦିନ କୁକୁରକୁ ନେବା ଆଣିବା କରୁଥିଲେ । ଅଗଷ୍ଟ ପୂର୍ବରୁ ସେକ୍ଟ୍ରମ୍ ହାଇଟ୍‌ସ ୱେଲଫେୟାର ଆସୋସିଏସନ୍ ନୋଟିସ୍ କରି ଲିଫ୍ଟରେ କୁକୁରଙ୍କ ନେବା ଆଣିବାରେ ପ୍ରତିବନ୍ଧକ ଲଗାଇଥିଲେ ଏବଂ ସିଡ଼ି ବ୍ୟବହାର କରିବାକୁ କହିଥିଲେ ବୋଲି ମନୋଜଙ୍କ ପତ୍ନୀ ବବିତା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମନୋଜଙ୍କ ବୟସ ୫୯ ବର୍ଷ ହୋଇଥିବା ବେଳେ ପ୍ରତିଦିନ ପୋଷା କୁକୁରକୁ ତିନି ଥର ତଳକୁ ଆଣିବାକୁ ପଡ଼େ । ବୟସାଧିକ୍ୟ ଯୋଗୁଁ ମନୋଜ କୁକୁରକୁ ନେବା ଆଣିବାରେ ଅସମର୍ଥ । ଏହାସତ୍ତ୍ୱେ କିଛି ଦିନ କୁକୁରକୁ ନେବା ଆଣିବା କରିଥିଲେ । ସୋସାଇଟିର ଏଭଳି ନିଷ୍ପତ୍ତିକୁ ଅନୁପଯୁକ୍ତ ଦର୍ଶାଇ ମନୋଜଙ୍କ ପତ୍ନୀ ବବିତା ପାତ୍ର ଗତ ଅଗଷ୍ଟ ୪ ତାରିଖରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ସୋସାଇଟି କର୍ମକର୍ତ୍ତା କେ.ସି ପଟ୍ଟନାୟକ କହିଛନ୍ତି, ମନୋଜଙ୍କ ପରିବାର କୁକୁରକୁ ନେବା ଆଣିବା ପାଇଁ ମୂଳରୁ ଲିଫ୍ଟ ବ୍ୟବହାର କରୁଥିଲେ । କିଛି ମାସ ହେବ କୁକୁରର ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଯାଇଥିଲା । ଏହା ସହ କୁକୁର ଠାରୁ ସ୍ମେଲ୍ ବାହାରିବା, ଲିଫ୍ଟରେ ଝାଡ଼ା, ପରିସ୍ରା ଯୋଗୁଁ ସୋସାଇଟିର ମିଟିଂ କରି ଲିପ୍ଟ ବ୍ୟବହାର ପାଇଁ ମନା କରାଯାଇଥିଲା । ସେଥିପାଇଁ ବିକଳ୍ପ ଭାବେ ପ୍ରଥମ ମହଲାରେ ଖାଲିଥିବା ଘରେ ରହିବା ପାଇଁ କୁହାଯାଇଥିଲା । କିନ୍ତୁ ସେମାନେ ରାଜି ହୋଇନଥିଲେ ବୋଲି କେସି ପଟ୍ଟନାୟକ କହିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନରେ ଅଭିଯୋଗ ପରେ ପଦକ୍ଷେପ ନେବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଆସିଥିଲା । ବିଏମ୍‌ସି ଡେ଼ପୁଟି କମିଶନର ଆଶୀର୍ବାଦ ପରିଡ଼ା ସୋସାଇଟି କର୍ତ୍ତୃପକ୍ଷଙ୍କୁ ନୋଟିସ କରି ଲିଫ୍ଟ ବ୍ୟବହାର ଅନୁମତି ଦେବାକୁ କହିଥିଲେ । କିନ୍ତୁ ଏହାରି ଭିତରେ ଆନୁମତି ମିଳିନଥିବା ଅଭିଯୋଗ ଆସିବା ପରେ ବିଏମ୍‌ସି ଡେ଼ପୁଟି କମିଶନର ଶ୍ରୀ ପରିଡ଼ା, ପ୍ରାଣୀ ଚିକିତ୍ସକ ବିଭୂ ପଣ୍ଡା, ପିପୁଲ ଫର ଆନିମାଲ୍ ସଦସ୍ୟା ଶୀତଲ ପୂର୍ଣ୍ଣିମାଙ୍କୁ ନେଇ ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆପାର୍ଟମେଣ୍ଟରେ ପହଞ୍ଚି ଉଭୟ ପକ୍ଷ ସହ ଆଲୋଚନା କରିଥିଲେ । ସମସ୍ତ ଅଭିଯୋଗ ଓ ଘଟଣାର ଅନୁଧ୍ୟାନ କରାଯାଇଛି । ଏହାର ରିପୋର୍ଟ କମିଶନରଙ୍କ ଠାରେ ଦାଖଲ କରାଯିବ ବୋଲି ଡେ଼ପୁଟି କମିଶନର ସୂଚନା ଦେଇଛନ୍ତି ।



# ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି ଜାତୀୟ ରାଜପଥ



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଅନ୍ତର୍ଗତ ରାମପୁର ସହରର ମୁଖ୍ୟ ଜାତୀୟ ରାଜପଥ ଉପରେ ଗୋରୁ, ଗାଈ ମାନଙ୍କର ଚରା ଭୂଇଁ ପାଲଟିଥିବା ଦେଖିବାକୁ ମିଳିଛି । ପ୍ରଶାସନ ଯେତେ ସଚେତନ ବାର୍ତ୍ତା ଦେଲେ ମଧ୍ୟ ପଶୁ ଜନ୍ତୁ ପାଳନ କରିଥିବା ମାଲିକମାନେ ଶୁଣୁନଥିବା ଅଭିଯୋଗ ଆସିଛି । ତାଙ୍କର ଗାଈ, ବଳଦ, ଛେଳି, ମେଣ୍ଢା, କୁକୁର ପ୍ରଭୃତି ପଶୁ ଜନ୍ତୁ ମାନଙ୍କୁ ଗୁହାଳ ଭିତରେ ନରଖି ବାହାରେ ଛାଡି ଦେଉଛନ୍ତି । ଫଳରେ ନିରିହ ପ୍ରାଣୀମାନେ ଅନ୍ୟ କୁଆଡେ ନଯାଇ ମୁଖ୍ୟ ରାଜପଥରେ ବୁଲୁଛନ୍ତି । ଯାହାଫଳରେ ଜନସାଧାରଣ, ଯାନବାହାନ ଯିବା ଆସିବାରେ ବାଧା ସୃଷ୍ଟି କରି ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ତତ୍ପରତା ହେବା ଉଚିତ ଏବଂ ନିୟମ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବାପାଇଁ ଜନସାଧାରଣରେ ଦାବି ହେଉଛି । ଜାତୀୟ ରାଜପଥ ଉପରେ ଗାଈ ଗୋରୁ ଦଳ ଦଳ ହୋଇ ଶୋଇବା ଏବଂ ଚଳପ୍ରଚଳ ହେବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଥିବାର ନଜିର ରହିଛି ।

### ଥାନାରେ ଯୁବକଙ୍କ ମୃତ୍ୟୁ ଘଟଣା

# ଆଇଆଇସି, ଏସ୍‌ଆଇ, କନଷ୍ଟେବଲ ନିଲମ୍ବିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଏକ ବାଇକ୍ ଲୁଟ୍ ଘଟଣାରେ ସନ୍ଦେହ କରି ଜଣେ ଯୁବକଙ୍କ ସହ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଚୌଦ୍ୱାର ଥାନା ପୋଲିସ ଉଠାଇ ଆଣିଥିଲା । ସିସିଟିଭି ଆଢୁଆଳରେ ରଖିବା ପାଇଁ ଉଭୟଙ୍କୁ ଥାନା ହାଜତରେ ନରଖି ଥାନା ଠାରୁ ପ୍ରାୟ ଦୁଇ ଶହ ମିଟର ଦୂରରେ ଥିବା ବାରାକ୍‌ରେ ଅଟକ ରଖିଥିଲା ତଦନ୍ତକାରୀ ଟିମ୍ । ସନ୍ଦିଗ୍ଧ ଯୁବକଙ୍କ ପାଟିରୁ ସତ ବାହାର କରିବା ପାଇଁ ନିଷ୍ଠୁର ହୋଇଯାଇଥିଲା ପୋଲିସ । ଫୋର୍ସ ରହୁଥିବା ବାରାକ୍‌ରେ ଦୁଇ ଦିନ କାଳ ଯୁବକଙ୍କୁ ପୋଲିସ କର୍ମଚାରୀମାନେ ପର୍ଯ୍ୟାୟକ୍ରମେ ଜଣକ ପରେ ଜଣେ ପ୍ଲାଷ୍ଟିକ୍ ପାଇପ୍‌ରେ ପିଟି ଚାଲିଥିଲେ । ପୋଲିସର ନିର୍ଘାତ ମାଡ଼ ଓ ଅକଥନୀୟ ଅତ୍ୟାଚାରରେ ଦୁଇ ଦିନ ହେଲା ବାରାକ୍‌ରେ ଅଟକ ଥିବା ଢେଙ୍କାନାଳ ଜିଲ୍ଲା ଭାପୁର ଥାନା କୋରଙ୍ଗା ଗ୍ରାମର ରସାନନ୍ଦ ନାୟକ (୩୪)ଙ୍କର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ପୋଲିସ ବିରୋଧରେ ସଙ୍ଗିନ୍ ଅଭିଯୋଗ ଆଣିଛନ୍ତି । ରସାନନ୍ଦଙ୍କ ମୃତ୍ୟୁ ପାଇଁ ପୋଲିସକୁ ପରିବାର ଲୋକେ ଓ ସମ୍ପର୍କୀୟମାନେ ସିଧାସଳଖ ଦାୟୀ କରିଛନ୍ତି । ଏହି ହାଜତ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଥାନା ଆଇଆଇସି ଦାୟିତ୍ୱରେ ଥିବା ଏସିପି ଇନ୍‌ଚାର୍ଜ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଛି । ଶ୍ରୀ ସାହୁ ୪ ମାସ ତଳେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ ହେଁ ଥାନାର ଇନ୍‌ଚାର୍ଜ ଇନ୍ସପେକ୍ଟର ଭାବେ କାମ କରିଆସୁଥିଲେ । ସେହିପରି ଥାନାରେ ଡିସିଓ ଦାୟିତ୍ୱରେ ଥିବା ଏସ୍‌ଆଇ ନିରଞ୍ଜନ ଗୋଡ଼ା ଓ ସେଣ୍ଟ୍ରି ଦାୟିତ୍ୱରେ ଥିବା ଓଏପିଏଫ୍ କନଷ୍ଟେବଲ୍ କମଲ ଲୋଚନ ମାଝିଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ପୋଲିସ ପକ୍ଷରୁ ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସଫଳ ହୋଇପାରିନାହିଁ । ବାରାକ୍‌ର ପାଇଖାନାରୁ ରସାନନ୍ଦଙ୍କ ଝୁଲନ୍ତା ମୃତଦେହ ମିଳିଛି । ପୋଲିସ ୟୁନିଫର୍ମ ହ୍ୱିସିଲ୍ କଡ୍‌ରେ ସେ ଫାଶି ଲଗାଇବା ଘଟଣା ଅଧିକ ସନ୍ଦେହ ସୃଷ୍ଟି କରିଛି । ଚୌଦ୍ୱାର ଥାନା ପୋଲିସ ବାରାକରୁ ଯୁବକଙ୍କ ମୃତଦେହକୁ ନେଇ ଏସ୍‌ସିବି ମେଡିକାଲରେ ପହଞ୍ଚାଇଥିଲେ ହେଁ ଶବ ବ୍ୟବଚ୍ଛେଦ ହୋଇପାରିନଥିଲା। ଏହା ଏକ ହାଜତ ମୃତ୍ୟୁ ଜନିତ ମାମଲା ହୋଇଥିବାରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ହୋଇଥିଲା । ରସାନନ୍ଦଙ୍କ ପତ୍ନୀ ଏସ୍‌ସିବି ମେଡିକାଲ୍‌ରେ ପହଞ୍ଚି ପୋଲିସର ଥାର୍ଡ ଡିଗ୍ରୀ ନିର୍ଯାତନାକୁ ଦାୟୀ କରିବା ସହ ପୋଲିସ ଅତ୍ୟାଚାର ବିରୋଧରେ ସେ ସ୍ୱର ଉଠାଇଛନ୍ତି । ପୋଲିସ ତାଙ୍କ ସ୍ୱାମୀଙ୍କୁ ମିଛ ଅଭିଯୋଗରେ ଉଠାଇ ଆଣି ନିସ୍ତୁକ ପିଟିପିଟି ମାରିଦେଇଥିବା ସେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ଏକ ବାଇକ୍ ଚୋରି ମାମଲାରେ ଚୌଦ୍ୱାର ଥାନା ପୋଲିସ ନିକଟରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବାଇକ୍ ମଧ୍ୟ ଜବତ କରିଥିଲା । ଗିରଫ ଅଭିଯୁକ୍ତମାନଙ୍କୁ ଜେରା କରିବା ବେଳେ ଉକ୍ତ ଘଟଣାରେ ଢେଙ୍କାନାଳ କୋରଙ୍ଗା ଗ୍ରାମର ରସାନନ୍ଦ ଓ ତାଙ୍କ ସମ୍ପର୍କୀୟ ଭାଇ ତପନ ବାରିକ୍‌ଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା । ତେଣୁ ରସାନନ୍ଦ ଓ ତପନ ଉଭୟଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଚୌଦ୍ୱାର ଥାନା ପୋଲିସ ଉଠାଇ ଆଣି ପଚରାଉଚରା କରୁଥିଲା । ଚୌଦ୍ୱାର ପୋଲିସ କହିବା କଥା, ରସାନନ୍ଦ ପରିସ୍ରା କରିବା ପାଇଁ କହି ପାଇଖାନା ଭିତରକୁ ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନବାହାରିବାରୁ ପୋଲିସ ତାଙ୍କୁ ଡାକିଥିଲା । ସେ କବାଟ ନଖୋଲିବାରୁ ପୋଲିସ କବାଟ ଭାଙ୍ଗି ଭିତରକୁ ପଶିଲା ବେଳକୁ ପୋଲିସ ପୋଷାକରେ ବ୍ୟବହାର ହେଉଥିବା ଏକ ହ୍ୱିସିଲ୍ କର୍ଡରେ ଫାଶି ଲଗାଇ ସେ ଝୁଲୁଥିବାର ଦେଖିବାକୁ ମିଳିଥିଲା ।





## ମାଓବାଦୀଙ୍କ ଦ୍ୱାରା ନିହତ ଗୃହରକ୍ଷୀଙ୍କ ପୁଅକୁ ନିଯୁକ୍ତି ପାଇଁ ଏସ୍‌ପିଙ୍କୁ ଗୁହାରି



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

୨୦୧୨ ମସିହାରେ ମାଓବାଦୀଙ୍କ ଦ୍ୱାରା ନିହତ ବରଗଡ଼ ଜିଲ୍ଲା ପାଇକମାଳ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ନାରାୟଣ ସୁନାଙ୍କ ପୁଅ ଲମ୍ବୋଦର ସୁନାଙ୍କୁ ତାଙ୍କ ବାପାଙ୍କ ସ୍ଥାନରେ ନିଯୁକ୍ତି ଦେବାକୁ ମୃତ ନାରାୟଣଙ୍କ ପତ୍ନୀ ଲକ୍ଷ୍ମୀ ସୁନା ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଗୁହାରି କରିଛନ୍ତି। ୨୦୧୨ ମସିହା ଅଗଷ୍ଟ ୧୩ ତାରିଖ ଥାନାରୁ ଡ୍ୟୁଟି ସାରି ସ୍ୱର୍ଗତ ସୁନା ତାଙ୍କ ମାଝୀପାଲି ସ୍ଥିତ ଘରେ ଥିବାବେଳେ ରାତି ପ୍ରାୟ ୧୦ଟାରେ ୫୦ରୁ ୬୦ ଜଣ ମାଓବାଦୀ ତାଙ୍କ ଗାଁକୁ ଆସି ତାଙ୍କୁ ହତ୍ୟା କରିଥିଲେ। ଗାର୍ଡ ଅଫ୍ ଅନର୍ ପ୍ରଦାନ ସହ ସ୍ୱର୍ଗତ ସୁନାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେହି ସମୟରେ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବା ନେଇ ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଅନୁପ କୃଷ୍ଣା ଓ ଏସ୍.ଡି.ପି.ଓ. ନୃପଚରଣ ଦଣ୍ଡସେନା ପ୍ରତିଶ୍ରୁତି ଦେଇଥିଲେ। ତେବେ ପୁଅ, ଝିଅ ଛୋଟ ଛୋଟ ଥିବାରୁ ତାହା ହୋଇପାରିନଥିଲା। ବର୍ତ୍ତମାନ ପାଇକମାଳ ଥାନାରେ ଗୃହରକ୍ଷୀ ପଦରେ ପୁଅ ଲମ୍ବୋଦରଙ୍କୁ ଅବସ୍ଥାପିତ କରିବାକୁ ସ୍ୱର୍ଗତ ନାରାୟଣଙ୍କ ବିଧବା ପତ୍ନୀ ଲକ୍ଷ୍ମୀ, ବରଗଡ଼ ଏସ୍.ପି.ଙ୍କୁ ନିବେଦନ କରିଛନ୍ତି। ବର୍ତ୍ତମାନ ତାଙ୍କ ସାବାଳକ ପୁଅକୁ ପ୍ରତିଶ୍ରୁତି ମୁତାବକ ନିଯୁକ୍ତି ପ୍ରଦାନ କରିବାକୁ ସେ ଗୁହାରି କରିଛନ୍ତି। ତାଙ୍କ ସ୍ୱାମୀ ଦେଶ ପାଇଁ ଜୀବନ ଦେଇଥିଲେ ଓ ପରିବାରର ଜଣଙ୍କୁ ନିଯୁକ୍ତି ପାଇଁ କୁହାଯାଇଥିଲା। ଏଥିପ୍ରତି ସହୃଦୟତାର ସହ ବିଚାର କରିବାକୁ ଲକ୍ଷ୍ମୀ ଲିଖିତ ଭାବେ ବରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



## ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଶ୍ରମ କମିଶନର, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ 'ସ୍ୱସ୍ଥ ନାରୀ, ଶସକ୍ତ ପରିବାର ଅଭିଯାନ' ଯାଜପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଯାଜପୁର ରୋଡ, ଯାଜପୁରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ମହିଳା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ନିରାକରଣ ପାଇଁ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ଉପାଦେୟ ପରାମର୍ଶ ଦିଆଯିବା ସହିତ ଔଷଧ ଯୋଗାଇ ଦିଆଯାଇଥିଲା । ଆୟୋଜିତ ଉକ୍ତ ସ୍ୱତନ୍ତ୍ର ଶିବିରରେ ଯାଜପୁର ରୋଡ ଡାକ୍ତରଖାନାର ଅଧିକ୍ଷକ ଡାକ୍ତର ପ୍ରସନଜିତ କର, ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର, ଯାଜପୁର ରେଞ୍ଜ ଶ୍ରମ କମିଶନର ଶିବଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଶିବିରକୁ ସୂଚାରୁ ରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ । ପାଗ ଖରାପ ସତ୍ତ୍ୱେ ଏହି ଶିବିରରେ ପଚାଶରୁ ଊର୍ଦ୍ଧ୍ୱ ଶ୍ରମିକ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଶିବିରରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଦୁଇ ଶ୍ରମ ଅଧିକାରୀ ରକ୍ତଦାନ କରିଥିଲେ । ଏହି ଶିବିର ଆସନ୍ତା ୨୫ ତାରିଖରେ ଧର୍ମଶାଳାରେ ଏବଂ ଅନ୍ୟ କିଛି ବ୍ଲକରେ ଅୟୋଜିତ ହେବାର କାର୍ଯ୍ୟକ୍ରମ ଅଛି ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ପ୍ରକାଶ ।

## ଷ୍ଟ୍ରିଟ୍ ଲାଇଟ୍ ଅଚଳ:ଲୋକେ ହଟହଟା



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିର୍ସାମୁଣ୍ଡା ଛକ ଠାରେ ଅଚଳ ହୋଇପଡିଥିବା ବଡ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ମରାମତି ପାଇଁ ଦାବି ହୋଇଛି। ଏନେଇ ଭଞ୍ଜସେନା ପକ୍ଷରୁ ରୁରାଲ୍ ଇଲେକ୍ଟ୍ରିକାଲ୍ ସବ୍‌ଡିଭିଜନ୍ ଏସ୍‌ଡିଓ ଇଂ ସତ୍ୟବ୍ରତ ସେଠୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ୬ ମାସ ହେଲାଣି ଏହା ଅକାମି ହୋଇଯାଇଛି। ଯାହାଫଳରେ ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଅନ୍ଧାର ଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳଟି ଜନଗହଳି ପୂର୍ଣ୍ଣ ରହୁଥିବାରୁ ଏବଂ ଉଦଳା ଓ ଲୁଲୁଙ୍ଗ ରୋଡକୁ ସଂଯୋଗ କରୁଥିବା ହେତୁ ତୁରନ୍ତ ଏହି ଲାଇଟ୍‌ର କାର୍ଯ୍ୟକ୍ଷମ ଆବଶ୍ୟକତା ରହିଛି। ତୁରନ୍ତ କଲେ ଜନସାଧାରଣ ଉପକୃତ ହେବେ। ଦାବିପତ୍ର ପ୍ରଦାନ ସମୟରେ ଶୁଭମ୍ ସିଂ, ଜିତୁ ସିଂ, ଦୀପକ୍ ବେହେରା, ପଙ୍କଜ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାକ୍ ଭିନ୍ନକ୍ଷମଙ୍କ ପାଇଁ ସାଙ୍କେତିକ ଭାଷାର ଆବଶ୍ୟକତା ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଅନ୍ତର୍ଜାତୀୟ ସାଙ୍କେତିକ ଦିବସ ପାଳନ କରାଯାଇଛି । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବିକା ତଥା ଦିବଙ୍ଗତ ବାକ୍ ଓ ଶ୍ରବଣ ବାଧିତ ଆନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୁକାନ୍ତ ଚୌଧୁରୀଙ୍କ ପତ୍ନୀ ଜୟନ୍ତୀ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ମହାକାଳପଡାର ମଣ୍ଡଳ ସମ୍ବଳ ଶିକ୍ଷକ ଓ ସାଙ୍କେତିକ ଭାଷାର ପ୍ରଶିକ୍ଷକ ଶ୍ରୀଧର ଭୋଳ, ସାଙ୍କେତିକ ଭାଷାର ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଶିବାନୀ ଭୋଳ ପ୍ରମୁଖ ଯୋଗଦେଇ ବାକ୍ ଭିନ୍ନକ୍ଷମ ମାନଙ୍କ ପାଇଁ ସାଙ୍କେତିକ ଭାଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଭାବର ଆଦାନ ପ୍ରଦାନ ଓ ମନର ପରିପ୍ରକାଶ ହିଁ ଏହି ବ୍ୟକ୍ତିମାନଙ୍କର ଏକ ମାତ୍ର ମାଧ୍ୟମ ଅଟେ। ଅନୁଷ୍ଠାନର ସଭ୍ୟ ସ୍ୱପ୍ନାଂଶୁ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନାରେ ଭାଗ ନେଇ ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ, ସମାଜସେବୀ କ୍ଷିରୋଦ କର, ସଂଯୋଜକ ସଂଜୀବ ଜେନା ପ୍ରମୁଖ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଦାରନାଥ ବାରିକ, ସଫଳ ବାକ୍ ବାଧିତ ଯୁବ ଉଦ୍ୟୋଗୀ ଅର୍ଜୁନ ଚନ୍ଦ୍ର ବେହେରା, ସଂଗ୍ରାମ କୁମାର ନାୟକ, ଶିକ୍ଷାବିତ୍ ମଳୟ କୁମାର ଲେଙ୍କା, ବିଭବ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥଲେ। ପରିଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାପର କଟୁରୀ ଚୋଟରେ ପୁଅର ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ବିଛଖଣ୍ଡି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ପାରିବାରିକ ଗଣ୍ଡଗୋଳରୁ ବାପର କଟୁରୀ ଚୋଟରେ ପୁଅର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ଶବର ସାହିରେ କଣ୍ଟ ନାୟକଙ୍କ ସହ ପୁଅ ଶମ୍ଭୁ (୩୨)ର ପାଟିତୁଣ୍ଡ ହୋଇଥିଲା। କଣ୍ଟ ଉତ୍ତେଜିତ ହୋଇ କଟୁରୀରେ ପୁଅକୁ ଚୋଟ ମାରିବାରୁ ଶମ୍ଭୁ ଗୁରୁତର ଭାବେ ଆହତ ହୋଇ ତଳେ ପଡ଼ିଯାଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ତାକୁ ତୁରନ୍ତ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି। ଖବରପାଇ ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ଘଟଣାସ୍ଥଳରେ ପହଞ୍ଚି ବାପକୁ ଗିରଫ କରି ତଦନ୍ତ ଜାରି ରଖିଛନ୍ତି।

## କିଶୋର ଆଇନ୍ ବ୍ୟବସ୍ଥାରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କିଶୋର ପୋଲିସ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଯୋଗଦେଇ ଶିଶୁ ଅନୁକୂଳ ଯତ୍ନ ସୁରକ୍ଷା ସମ୍ବନ୍ଧୀୟ ଆଇନ୍‌ରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ତଥା ସାଧନ କର୍ମୀ ଘାସିରାମ ପଣ୍ଡା ୟୁନିସିଏଫ ଯୋଗଦେଇ କିଶୋର ଆଇନ୍ ବ୍ୟବସ୍ଥାରେ ପୋଲିସର ଭୂମିକା ଦାୟିତ୍ୱ ବିଷୟରେ ତାଲିମ୍ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଅଧକ୍ଷ, ଶିଶୁ ମଙ୍ଗଳ ସମିତି ଶଙ୍କର୍ଷଣ ପଣ୍ଡା, ଜିଲ୍ଲା ଶ୍ରମ ଅଧିକାରୀ, ଦିବ୍ୟଶଙ୍କର ଧରୁଆ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ରଂଜିତା ସାହୁ, ଏସ୍‌ଆଇ କୃଷ୍ଣଚନ୍ଦ୍ର ସାହୁ, ଏସ୍‌ଆଇ ବିନା ନାଗ, ଏସ୍‌ଆଇ ପ୍ରଦୀପ କୁମାର ସାହୁ, ଆଦି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶାନ୍ତନୁ କର୍ଣ୍ଣ, ହେମନ୍ତ ସା, ଚାଇଲଡ ହେଲ୍ପ ଲାଇନ୍ ସଂଯୋଜକ ସୁଜିତ କୁମାର ମିଶ୍ର, ଏହି କାର୍ଯ୍ୟକ୍ରମରେ ଯୋଗଦେଇ । ଜିଲ୍ଲାର ସମସ୍ତ ପୋଲିସ ଥାନାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଯୋଗଦେଇ ତାଲିମ୍ ଗ୍ରହଣ କରିଥିଲେ । ଉତ୍କଳା ଆଶ୍ରମର ମାଳତୀ ଜେନା ସ୍ୱତନ୍ତ୍ର ପୌଷ୍ୟ ସନ୍ତାନର ମ୍ୟାନେଜର ସୁମନ୍ତ ଜୟପୁରିଆ, ୱାନ୍ ଷ୍ଟପ୍ ସେଣ୍ଟର ପାୟଲ୍ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିବା ବେଳେ ଆଇନ୍ ଅଧିକାରୀ କେଶବ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌତମ ମହାପାତ୍ର, ବିଜୟ ବିଶ୍ୱାଳ, ଥବିର କଲାସେ, ମୃତ୍ୟୁଞ୍ଜୟ ସାହୁ, ପ୍ରଶାନ୍ତ ମହାକୁଡ଼, ରୁଦ୍ରପ୍ରସନ୍ନ ମିଶ୍ର, ସ୍ୱାଗତରାଜ ମିଶ୍ର, ଜିତେନ୍ଦ୍ର ମଣ୍ଡଳ, ସରିତା ସୁନା, ମାନିନୀ ମହାନ୍ତି ଏହି ସହଯୋଗ କରିଥିଲେ ।



## ଚୌଦ୍ୱାରରେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ଚୌଦ୍ୱାର ସହରରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଜିଲ୍ଲା ପବ୍ଲିକ୍ ହେଲ୍‌ଥ ଅଫିସର ଡ. ଗୋଲକ ବିହାରୀ ପତି, ଜିଲ୍ଲା ଡାଟା ମ୍ୟାନେଜର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ଦାସ, ରଞ୍ଜିତ କୁମାର ପାଣିଗ୍ରାହୀ, ତନୁରେଖା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ମହିଳା ମାନଙ୍କ ସ୍ୱାସ୍ଥ୍ୟରକ୍ଷା ସହିତ ସେମାନଙ୍କୁ ସଶକ୍ତ କରିବାର ପ୍ରୟାସ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଆସନ୍ତା ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ ବୋଲି ଡିପିଏମ୍ ଡ. ପତି ସୂଚନା ଦେଇଥିଲେ । କଟକ ଏସ୍.ସି.ବି. ମେଡ଼ିକାଲ କଲେଜର ଶିଶୁରୋଗ, ଶଲ୍ୟ, ଚକ୍ଷୁ, କର୍ଣ୍ଣ, ନାଶା ଗଳା, ଭେଷଜ, ସ୍ତ୍ରୀ ରୋଗ, ଦନ୍ତ ଆଦି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଏହି ଶିବିରରେ ଯୋଗଦେଇ ପୌରପାଳିକାର ୧୯ଟି ଯାକ ୱାର୍ଡ଼ରୁ ଆସିଥିବା ମହିଳା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ରୋଗୀମାନଙ୍କୁ ମଗଣାରେ ଔଷଧ ବିତରଣ କରାଯାଇଥିଲା । ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ରବୀନ୍ଦ୍ର ମହାପାତ୍ର, ଟିପିଏମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଏସ୍.କେ. ସିଂ ଓ ସାଇ ସଂଗଠନର ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତା ଓ ସାଇ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୫।୯।୨୦୨୫, ଆଶ୍ୱିନ ଦି୬ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୫।୦୯ସେକେଣ୍ଡ** **ଚନ୍ଦ୍ରୋଦୟ- ନାସ୍ତି**

**ତୃତୀୟା ମଳ-**ପ୍ରାଘ ୭।୦୬ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ସଂଘ ୭।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର, । **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୭।୧୭ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୭।୧୫ ମଧ୍ୟେ । ସଂଘ ୭।୨୫ ଗତେ ରାଘ ୯।୩୭ ମଧ୍ୟେ ।



**ମେଷ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ । ପାରିବାରିକ କ୍ଷେତ୍ରରେ ଭୁଲ ବୁଝାମଣା ପାଇଁ ସମସ୍ୟା ଦେଖାଦେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ । ରୋଜଗାର ଭଲ ହେବ।



**ବୃଷ:** ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ଲାଭ ହେବ । ଦେହ ଓ ମନ ଭଲ ରହିବ। ବ୍ୟବସାୟରେ ଲାଭବାନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ।



**ମିଥୁନ:** ଆଶାବାଦୀ ହୋଇ କାର୍ଯ୍ୟ କରିଚାଲିବ । ସୁଖୀ ହେବେ । ସମ୍ମାନୀତ ହୋଇପାରନ୍ତି । ରୁଚିକର ଖାଦ୍ୟ ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ବଢ଼ିପାରେ।



**କର୍କଟ:** ସୁଖ ଓ ସମ୍ମାନ ଲାଭ ହେବ । ଦିଅଁ ଦର୍ଶନ ସହିତ ସେବା ପୂଜାର ସୁଯୋଗ । ପରୋପକାର କରିବେ । ଅର୍ଥ ଲାଭ ହେବ । ଘରେ ସୁଖ ସନ୍ତୋଷ ଲାଭ ହେବ । ଦେହ ଭଲ ରହିବ।



**ସିଂହ:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ମହିଳାମାନେ ସୁଖ ସମ୍ମାନ ଲାଭ କରିବେ । ଗୃହେ ଶାନ୍ତି ଲାଭ।



**କନ୍ୟା:** ମନରେ ପ୍ରସନ୍ନତା ଭାବ ଦେଖାଦେବ। ବିବାଦୀୟ ବିତର୍କରେ ଭାଗ ନହେବା ଉଚିତ । ଆୟ ପୂର୍ବପରି ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ।



**ତୁଳା:** କର୍ମକ୍ଷେତ୍ରରେ ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ସେହି ଅନୁଯାୟୀ ମଧ୍ୟ ଫଳପ୍ରାପ୍ତ ହେବ । ଅଳ୍ପ ଆୟରେ ସନ୍ତୋଷ ଲାଭ ହେବ । ପରିଶ୍ରମର ପରିମାଣ ବଢିବ । ଗୃହେ କଳହ ଦେଖାଦେବ।



**ବିଛା:** ପାରିବାରିକ ଶାନ୍ତି ପ୍ରତିଷ୍ଠା ହେବ । ଅଶାନ୍ତି ଓ ବିରକ୍ତି ମଧ୍ୟରେ ଦିନଟି ଅତିବାହିତ ହେବ । ଅଳସୁଆ ଯୋଗୁଁ କୌଣସି କାର୍ଯ୍ୟ ଠିକ୍ ରୂପେ ହେବନାହିଁ । ଆୟ ସ୍ଥିର ରହିବାର ସୂଚନା।



**ଧନୁ:** ଆଜି ଆପଣଙ୍କର କ୍ଷୟକ୍ଷତି ଘଟିପାରେ । ଏଣୁ ସାବଧାନ ରହିବେ । ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବାର ସମ୍ଭାବନା । ମନ ଅସ୍ଥିର ରହିବ । ପରିବାରରେ ସୁଖ ଶାନ୍ତି ଲାଭ ହେବ।



**ମକର:** କର୍ମକ୍ଷେତ୍ରରେ ବିରକ୍ତି ପ୍ରକାଶ ପାଇବ । ଯେତେ ଚେଷ୍ଟା କଲେ ମଧ୍ୟ ଶ୍ରମରୁ ମୁକ୍ତି ମିଳିବ ନାହିଁ । ଶାରୀରିକ ପୀଡା ଅନୁଭବ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ।



**କୁମ୍ଭ:** ଦୂରଯାତ୍ରା କରି ଆନନ୍ଦିତ ହେବେ । ଦେହ ଓ ମନରେ ଶାନ୍ତି ଆସିବ । ନୂତନ ବନ୍ଧୁ ମିଳନର ଯୋଗ । ଆୟ ଓ ବ୍ୟୟର ପରିମାଣ ପ୍ରାୟତଃ ସମାନ ରହିବ । ପାରିବାରିକ ଅସହଯୋଗ ଦେଖାଦେବ।



**ମୀନ:** ମନରେ ଶାନ୍ତି ରହିବ । କାର୍ଯ୍ୟଗୁଡିକ ସୁରୁଖୁରୁରେ ସମାଧାନ ହେବ । ମଉଜ ମଜଲିସରେ ଦିନଟି କଟିବ । ଖର୍ଚ୍ଚର ପରିମାଣ ବଢିବ । ଶତ୍ରୁ ନାଶ ହେବ । ଦେହ ଓ ମନ ଭଲ ରହିବାର ସୂଚନା।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୬।୯।୨୦୨୫, ଆଶ୍ୱିନ ଦି୬ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୬।୨୭ସେକେଣ୍ଡ** **ଚନ୍ଦ୍ରୋଦୟ- ନାସ୍ତି**

**ଚତୁର୍ଥୀ-** ଦିଘ ୯।୩୬ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୧୦।୦୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ୩।୨୩ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ୩।୨୩ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ମୂଳା ଦିଘ ୯।୩୩ ପରେ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୦ ଗତେ ଘ ୬।୨୭ ମଧ୍ୟେ । ଦିଘ ୧୨।୦୧ ଗତେ ଘ ୩।୧୭ ମଧ୍ୟେ । **ପର୍ବୋତ୍ସବ-** ନିତ୍ୟ ପଚଂମୀ, ମା' ବିରଜାଙ୍କ ପଚଂମୀ ହୋମ, ପଚଂମ୍ୟାଦି କଳ୍ପାରମ୍ଭ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ ଆର୍ଥିକ ସ୍ଥିତି ଦୁର୍ବଳ

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି।

ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍‌ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି। ଏହାର ଏକ ପ୍ରମୁଖ କାରଣ ହେଉଛି କଲ୍ୟାଣମୂଳକ ସ୍କିମ୍‌ରେ ସରକାର ମାଗଣାରେ ଖାଦ୍ୟଶସ୍ୟ ଦେଉଥିବାରୁ ସେଥିରେ ଖର୍ଚ୍ଚ ହ୍ରାସ ପାଇଛି। ଲୋକମାନେ ଡାଲିରେ ଖର୍ଚ୍ଚ କମ୍ କରିଛନ୍ତି। କିନ୍ତୁ ପ୍ୟାକେଜଡ୍ ଖାଦ୍ୟ ଓ ପାନୀୟରେ ଅଧିକ ବ୍ୟୟ କରିଛନ୍ତି। ମୋବାଇଲ୍ ଫୋନ୍ ଓ ଗାଡ଼ି ଆଦି କିଣିବାରେ ଅଧିକ ଖର୍ଚ୍ଚ କରୁଛନ୍ତି। ମୋଟ ଉପରେ ଦେଖିଲେ ଗ୍ରାମାଞ୍ଚଳରେ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି ବୋଲି ସେ କହିଛନ୍ତି।

# 'ଶକ୍ତି ଉପାସନାର ପର୍ବ ହେଉଛି ଦୁର୍ଗାପୂଜା'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଦୁର୍ଗା ପୂଜା ଶକ୍ତି ଉପାସନାର ପର୍ବ। ଏହା ବିଭିନ୍ନ କୁଳାଚାର ମତେ ଷୋଳଦିନ, ନବଦିନ, ତ୍ରିଦିନ ଧରି ପାଳିତ ହୁଏ। ମୁଖ୍ୟତଃ ଶରତ ଋତୁର ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦଠାରୁ ନବମୀ ବିଶେଷଭାବେ ଦେବୀଙ୍କ ପୂଜନର ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଚୈତ୍ର ଶୁକ୍ଳ ପକ୍ଷ ମଧ୍ୟ ବାସନ୍ତୀ ନବରାତ୍ର ରୂପେ ପରିଚିତ । ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜନ କୁହାଯାଏ । ଦେବୀ ଦୁର୍ଗା ଦୁଃଖନାଶିନୀ । ନବରାତ୍ରୀରେ ଦୁର୍ଗାଙ୍କୁ ଶ୍ରଦ୍ଧାର ସହ ପୂଜା କଲେ ଉପାସକ ନବଶକ୍ତି ପ୍ରାପ୍ତ ହେଇଥାନ୍ତି । ଶାରଦୀୟ ନବରାତ୍ରୀ କାଳରେ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ ସକ୍ରିୟ ଥିବାରୁ ଶକ୍ତି ଉପାସକଙ୍କର କୈଣସି ଅନିଷ୍ଟ ହୁଏନାହିଁ । ଦୁର୍ଗା ଶବ୍ଦର ବିବିଧ ବିଶ୍ଲେଷଣ କରାଯାଇଛି। ସେଥିରୁ ଗୋଟିଏ ହେଉଛି ଦ୍+ଉ++ଗ୍+ଆ । 'ଦ'ର ଅର୍ଥ ଦୈତ୍ୟ ବିନାଶ ପାଇଁଯିଏ ଉଦ୍ଦିଷ୍ଟ, ଉ- ସମସ୍ତ ବାଧାଦାୟକ ଶକ୍ତି ଦୂର କରିବାରେ ଯିଏ ସମର୍ଥ, ର- ସମସ୍ତ ରୋଗର ଯିଏ ବିନାଶକାରୀ, ଗ- ସକଳ ପାପର ଯିଏ କ୍ଷୟକାରୀ, ଆ- ସମସ୍ତ ଭୟର ଯେ ହରଣକାରୀ । ଅନ୍ୟ ଏକ ଶାବ୍ଦିକ ବିଶ୍ଲେଷଣ ହେଉଛି ଦୁର୍ଗ+ଆ। ଦୁର୍ଗର ଅର୍ଥ ବିପଦ ବା ଦୁର୍ଗତି, ଆ ଅର୍ଥ ନଷ୍ଟ କରିବା । ମହିଷାସୁରମର୍ଦ୍ଦିନୀ ମା' ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ। ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତ୍ରସ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ। ଦୁର୍ଗାଙ୍କର ଏହି ନବଶକ୍ତି ଜାଗ୍ରତ କରିବା ପାଇଁ ନବାର୍ଣ୍ଣ ବା ନବାକ୍ଷରୀ ମନ୍ତ୍ର ଜପ କରିବା ପାଇଁ ପରାମର୍ଶ ଦିଆଯାଇଛି। ନବର ଅର୍ଥ ନଅ। ଅର୍ଣର ଅର୍ଥ ଅକ୍ଷର। ନବାର୍ଣ୍ଣ ମନ୍ତ୍ରଟି ହେଉଛି- ଐଂ ହ୍ଲୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ। ଏହି ମନ୍ତ୍ରର ପ୍ରତ୍ୟେକ ଅକ୍ଷର ଦୁର୍ଗାଙ୍କ ଗୋଟିଏ ଗୋଟିଏ ଶକ୍ତିର ପରିଚାୟକ। ଦୁର୍ଗାଙ୍କର ୧୦୮ଟି ନାମ ଅଛି। ସେଗୁଡିକ ହେଲା: ସତୀ,ସାଧ୍ୱୀ, ଭବପ୍ରିତା, ଭବାନୀ, ଭବମୋଚନୀ, ଆର୍ଯ୍ୟା, ଦୁର୍ଗେ, ଜୟା, ଆଧ୍ୟା, ଅଭୟା, ମାୟା, ତ୍ରିନେତ୍ରା, ଶୂଳଧାରିଣୀ, ପିନାକଧାରିଣୀ, ଚିତ୍ରା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଅହଙ୍କାରା, ଚିତ୍ତରୁପା, ଚିତା, ସର୍ବମନ୍ତ୍ରମୟୀ, ସତ୍ତା, ସତ୍ୟାନନ୍ଦ ସ୍ୱରୁପିଣୀ, ଅନନ୍ତା, ଭାବିନୀ, ଭବ୍ୟା, ଅଭୟା, ସଦାଗତୀ, ସାମ୍ଭାବୀ, ଦେବମାତା, ଚିନ୍ତା, ରତ୍ନପ୍ରିୟା, ସର୍ବବିଦ୍ୟା, ଦକ୍ଷକନ୍ୟା, ଦକ୍ଷଯଜ୍ଞବିନାସିନୀ, ଅପର୍ଣ୍ଣା, ଅନେକବର୍ଣ୍ଣା, ପାଟଳା, ପାଟଳାବତୀ, ପଟାମ୍ବର ପରିଧାନା, କଳମଞ୍ଜରୀ ରଞ୍ଜିନୀ, ଅମୟା, ବିକ୍ରମା, କ୍ରୂରା, ସୁନ୍ଦରୀ, ସୁରସୁନ୍ଦରୀ, ବନଦୁର୍ଗା, ମାତଙ୍ଗୀ, ମାତଙ୍ଗମୁନି ପୂଜିତା, ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, କୌମାରୀ, ବୈଷ୍ଣବୀ, ଚାମୁଣ୍ଡା, ବାରାହୀ, ଲକ୍ଷ୍ମୀ, ପୁରୁଷାକୃତି, ବିମଳା, ଉତ୍କର୍ଷିଣୀ, ଜ୍ଞାନା, କ୍ରିୟା, ନିତ୍ୟା, ବୁଦ୍ଧିଦା, ବହୁଳା, ବହୁଳାପ୍ରେମା, ସର୍ବବାହନ ବାହାନା, ନିଶୁମ୍ଭଶୁମ୍ଭ ହନନୀ, ମହିଷାସୁର ମର୍ଦ୍ଦନୀ, ମଧୁକୈଟଭହନ୍ତ୍ରୀ, ଚଣ୍ଡମୁଣ୍ଡ ବିନାଶିନୀ, ସର୍ବସୁର ବିନାଶା, ସର୍ବଦାନବ ଘାତିନୀ, ସର୍ବଶାସ୍ତ୍ରମୟୀ, ସତ୍ୟା, ସର୍ବଶସ୍ତ୍ର ଧାରିଣୀ, ଅନେକ ଶସ୍ତ୍ରହସ୍ତା, ଅନେକାସ୍ତ୍ର ଧାରିଣୀ, କୁମାରୀ, ଏକକନ୍ୟା, କୈଶୋରୀ, ଯୁବତୀ, ଯତିଃ, ଅପ୍ରୌଢା, ପ୍ରୌଢା, ବୃଦ୍ଧମାତା, ବଳପ୍ରଦା, ମହୋଦରୀ, ମୁକ୍ତକେଶୀ, ଘୋରରୂପା, ମହାବଳା, ଅଗ୍ନିଜ୍ୱାଳା, ରୌଦ୍ରମୁଖୀ, କାଳରାତ୍ରିଃ, ତପସ୍ୱିନୀ, ନାରାୟଣୀ, ଭଦ୍ରକାଳୀ, ବିଷ୍ଣୁମାୟା, ଜଳୋଦରୀ, ଶିବଦୂତୀ, କରାଳୀ, ପରମେଶ୍ୱରୀ, କାତ୍ୟାୟନୀ, ସାବିତ୍ରୀ, ପ୍ରତ୍ୟକ୍ଷା ଓ ବ୍ରହ୍ମାବାଦିନୀ। ଦୁର୍ଗାଙ୍କର ବିଦ୍ୟାରୂପୀ ଦଶଶକ୍ତି ନିରୂପଣ କରାଯାଇଛି ଆଗମ ଶାସ୍ତ୍ରରେ। ସେହି ଦଶ ମହାବିଦ୍ୟା ହେଉଛନ୍ତି - କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା। ଏହାମଧ୍ୟରେ କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ ଉଗ୍ରା, ତଥା ବଗଳା, ଭୈରବୀ ସୌମ୍ୟୋଗ୍ର ମହାବିଦ୍ୟା ଏବଂ ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ମାତଙ୍ଗୀ ସୌମ୍ୟ ମହାବିଦ୍ୟା ରୂପେ ପରିଚିତା। ସୌମ୍ୟ ମହାବିଦ୍ୟାଙ୍କୁ ଶ୍ରୀସୁନ୍ଦରୀ କୁଳରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଉଗ୍ର, ସୌମ୍ୟୋଗ୍ର ମହବିଦ୍ୟାଙ୍କୁ କାଳୀ କୁଳରେ ଅନ୍ତର୍ଭୁକ୍ତ କରାହୋଇଛି । ଶ୍ରୀସୁନ୍ଦରୀ ଦେବୀମାନଙ୍କ ଆରଧନା ଗୃହ ମଧ୍ୟରେ ହେଉଥିଲାବେଳେ କାଳୀକୁଳ ଦେବୀମାନଙ୍କ ଉପାସନା ଶ୍ମଶାନ, ବଣ, ନଦୀତଟ ଆଦି ନିର୍ଜନ ସ୍ଥାନରେ ହୋଇଥାଏ, ତଥା ସୌମ୍ୟୋଗ୍ର ବିଦ୍ୟା ଉଭୟ ସ୍ଥାନରେ ଉପାସିତା ହୁଅନ୍ତି । ତେବେ ପୁରାଣ ବର୍ଣ୍ଣିତ କଥାକୁ ଯଦି ଆମେ ବିଚାରକୁ ନେବା ତେବେ ଚୈତ୍ର ବଂଶରେ ସୁରଥ ନାମକ ଜଣେ ରାଜା ପୃଥିବୀକୁ ଶାସନ କରୁଥିଲେ । ସେ ତାଙ୍କ ପ୍ରଜାଙ୍କୁ ପୁତ୍ରତୁଲ୍ୟ ପାଳନ କରୁଥିବା ସମୟରେ ବିଧ୍ୱଂସ ନାମକ ଜଣେ ରାଜା ତାଙ୍କ ସହିତ ଶତ୍ରୁତା କଲେ । ରାଜା ସୁରଥଙ୍କ ସହିତ ତାଙ୍କର ଯୁଦ୍ଧ ହେଲା । ଶତ୍ରୁମାନଙ୍କ ସଂଖ୍ୟା କମ୍ ଥିଲେ ମଧ୍ୟ ରାଜା ସୁରଥ ଦୁର୍ଭାଗ୍ୟବଶତଃ ଶତ୍ରୁଙ୍କଠାରୁ ପରାସ୍ତ ହେଲେ। କୌଶଳକ୍ରମେ ରାଜା ସୁରଥ ଶତ୍ରୁଙ୍କ କବଳରୁ ଖସି ଆସି ରାଜଧାନୀରେ ଦେଖିଲେ ଯେ, ଆତ୍ମୀୟମାନେ କୋଷାଗାର ଏବଂ ସୈନ୍ୟବାହିନୀକୁ ନଷ୍ଟ କରୁଛନ୍ତି । ଏହିପରିଭାବେ ରାଜ୍ୟ ନଷ୍ଟ ହୋଇଯିବାରୁ, ରାଜା ସୁରଥ ଉପାୟଶୂନ୍ୟ ହୋଇ ଅଶ୍ୱ ଚଢ଼ି ଜଙ୍ଗଲକୁ ପଳାଇଗଲେ । ଲକ୍ଷ୍ୟହୀନ ଭାବେ ଜଙ୍ଗଲରେ ଘୂରିବୁଲୁଥିବା ସମୟରେ ମେଧାଋଷିଙ୍କ ଆଶ୍ରମରେ ଆଶ୍ରୟ ନେଲେ । କିଛିଦିନ ରହିବା ପରେ, ଆଶ୍ରମ ନିକଟରେ ବୁଲୁଥିବା ସମାଧି ନାମକ ବୈଶ୍ୟକୁ ଭେଟିଲେ। ତାଙ୍କର ଆଗମନର କାରଣ ଥିଲା, ସେ ଜଣେ ଅତ୍ୟନ୍ତ ଧନଶାଳୀ ବୈଶ୍ୟ। ଧନରତ୍ନରେ ଲୋଭ କରି ପତ୍ନୀ ଓ ପୁତ୍ରମାନେ ତାଙ୍କୁ ଗୃହରୁ ବିତାଡ଼ିତ କରିଦେଲେ । ଆତ୍ମୀୟସ୍ୱଜନ କେହି ମଧ୍ୟ ଏପରି ଅବସ୍ଥାରେ ସାହାଯ୍ୟ କଲେନାହିଁ । ଅଗତ୍ୟା, ଜଙ୍ଗଲକୁ ପଳାଇ ଆସିଲେ। ରାଜା ସୁରଥ ବୈଶ୍ୟ ସମାଧିଙ୍କ ପ୍ରତି ହୋଇଥିବା ଅନ୍ୟାୟରେ ସମଦୁଃଖୀ ତାଙ୍କୁ ମେଧାଋଷିଙ୍କ ଆଶ୍ରମକୁ ନେଇ ଗଲେ। ଦେବୀଙ୍କ ମାହାତ୍ମ୍ୟ ମହର୍ଷି ମେଧାଙ୍କଠାରୁ ଶୁଣିଲା ପରେ ରାଜା ସୁରଥ ଓ ବୈଶ୍ୟ ସମାଧି ଦେବୀଙ୍କ କୃପାଲାଭ କରିବା ନିମିତ୍ତ ମନ ବଳାଇଲେ । ଗଙ୍ଗାନଦୀ କୂଳରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି ତିଆରି କରି ଧୂପ, ଦୀପ, ଗନ୍ଧ, ପୁଷ୍ପ ଦେଇ ଅତ୍ୟନ୍ତ ନିଷ୍ଠାର ସହିତ ଆରାଧନା କଲେ । ସେ ଦୁହେଁ ଉପବାସ ରହି କେବେ କେବେ ସ୍ୱଳ୍ପାହାର ଗ୍ରହଣ କରି ମାଆଙ୍କ ପୂଜା କରୁଥିଲେ । ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ଦେହର ରକ୍ତକୁ ଅର୍ପଣ କରିବାକୁ ପଛାଉନଥିଲେ । ଏହିପରି ଭାବେ ତିନିବର୍ଷ ଅତିବାହିତ ହୋଇଯିବା ପରେ ଦେବୀ ସେଦୁହିଁଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଇପ୍‌ସିତ ବର ପ୍ରଦାନ କଲେ । ଇତିହାସରୁ ଯାହା ଜଣାଯାଏ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ରଚିତ 'ମାର୍କଣ୍ଡେୟ ପୁରାଣ' ଅନୁସାରେ ରାଜା ସୁରଥ ପ୍ରଥମେ ଉତ୍କଳରେ ଦୁର୍ଗାପୂଜା ଆରମ୍ଭ କରିଥିଲେ । ରାଜା ସୁରଥ ହେଉଛନ୍ତି ଚେଦିବଂଶର ମହାମେଘବାହନ ଐରଖାରବେଳଙ୍କ ବଂଶଧର । ଖାରବେଳ ଏହି ପୁରାଣ ପ୍ରସିଦ୍ଧ ସୁରଥ ରାଜାଙ୍କର ପଞ୍ଚମ ସୋପାନ ବା ପଞ୍ଚମ ବଂଶାନୁକ୍ରମେ ସମୁଚୀନ ମନେହୁଏ । ଖାରବେଳଙ୍କ ପୂର୍ବଜ ସୁରଥ ହେଉଛନ୍ତି ଚେଦି । ଚେତି ଚୈତ୍ୟବଂଶର ଜନୈକ କୌଣସି ରାଜାଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ବନରେ ଆତ୍ମଗୋପନ କଲେ । ସେଠାରେ ନିଜ ସ୍ତ୍ରୀ ଓ ପୁତ୍ରଦ୍ୱାରା ପରିତ୍ୟକ୍ତ ସମାଧି ନାମକ ଜନୈକ ନିର୍ଦ୍ଧନ ସାଧବଙ୍କ ସହିତ ସାକ୍ଷାତ ହେଲା । ଉଭୟ ମେଧସ୍ ଋଷିଙ୍କ ଆଶ୍ରମରେ ଆଶ୍ରୟ ନେଇ ତାଙ୍କର ପରାମର୍ଶକ୍ରମେ ଶରତ ଋତୁରେ ନଦୀତଟରେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ ପୂର୍ବକ ପୁଷ୍ପଧୂପ ନୈବେଦ୍ୟ ସମର୍ପଣ କରି ଶ୍ରୀଶ୍ରୀ ଦେବୀସୂକ୍ତରେ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କଲେ । ପରବର୍ତ୍ତୀ ସମୟରେ ଏହା ଧରାପୃଷ୍ଠରେ ସର୍ବବିଦିତ ହେଲା ।



# "ମା"



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଦୁର୍ଗାପୂଜା ଭାରତୀୟ ସଂସ୍କୃତିର ଏକ ସୁନ୍ଦର ଉପସ୍ଥାପନା। ନାରୀ ଶକ୍ତି ଓ ମାତୃ ଶକ୍ତିର ବନ୍ଦନା କରିବାପାଇଁ ଯେମିତି ପ୍ରକୃତି ଏବଂ ସୃଷ୍ଟି ଉଭୟ ଆଗେଇ ଆସିଛନ୍ତି । ପରିବେଶରେ ଯେମିତି ମାଦକତା ଭରିଯାଇଛି। ବର୍ଷା କମିଯାଇଛି, ଶୀତ ଆସିନି , ଗାଁ ଠାରୁ ସହର ସବୁକିଛି ଉତ୍ସବ ମୁଖରିତ । ସକାଳୁ ସକାଳୁ ଦେବୀଙ୍କ ସ୍ତୋତ୍ର କାନରେ ପଡେ "ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ୍ ସଂସ୍ଥିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ"। ମନରେ ଅଦ୍ଭୁତ ଶିହରଣ ଖେଳି ଯାଏ । ପ୍ରତ୍ୟେକ ସହର ଓ ଗାଁରେ ଦୁର୍ଗା ମେଢ ଦେଖିବାକୁ ମିଳିଥାଏ । ଲୋକମାନେ ବର୍ଷ ସାରା ପ୍ରତୀକ୍ଷା କରିଥାନ୍ତି ଦୁର୍ଗାପୂଜାର ଆଗମନ ପାଇଁ ଘରେ ଘରେ ପିଠାପଣାର ସୁଅ ଛୁଟେ । ନୂଆ ଲୁଗା ପିନ୍ଧିବା, ବନ୍ଧୁ ମିଳନର ପରମ୍ପରା କେଉଁ କାଳରୁ ଚାଲି ଆସିଛି ।

ଅସତ୍ୟ ଉପରେ ସତ୍ୟର ବିଜୟ, ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟକୁ ଦର୍ଶାଏ ଦୁର୍ଗାପୂଜା। ମା ଦୁର୍ଗା ଅତ୍ୟାଚାରୀ ଅସୁର, ମହିଷାସୁରର ବଦ୍ଧ ମାହାଷ୍ଟମୀ ଦିନ କରିଥିଲେ । ମହିଷାସୁରର ଅତ୍ୟାଚାରରେ ତିନି ଲୋକ ଥର ହର ହେଉଥିଲା । ଦେବତା ମାନେ ମଧ୍ୟ ମହିଷାସୁର ସହିତ ଯୁଦ୍ଧ କରିବାପାଇଁ ସାହସ ସଞ୍ଚୟ କରିପାରୁନଥିଲେ । ମା ଦୁର୍ଗା ସେତେବେଳେ ଏକୁଟିଆ ମହିଷାସୁର ସହିତ ଯୁଦ୍ଧ କରି ତାକୁ ମାରିଥିଲେ ଓ ତିନି ଲୋକରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ନାରୀ ସହନଶୀଳା ସନ୍ତାନପାଇଁ ମମତାର ପ୍ରତିମୂର୍ତ୍ତି କିନ୍ତୁ ଯେତେବେଳେ ସେହି ନାରୀ ଦେଖେ ସୃଷ୍ଟି ନଷ୍ଟ ହେବାକୁ ଯାଉଛି ସେତେବେଳେ ସିଏ ଅସ୍ତ୍ର ଧରି ଦଶଭୁଜା ହୋଇ ଅତ୍ୟାଚାରୀର ଅତ୍ୟାଚାର ଉପରେ ପୂର୍ଣ୍ଣଛେଦ ଲଗାଇ ଥାଏ । ଆମର ପୂର୍ବ ପୁରୁଷମାନେ ନାରୀ ଭିତରେ ଥିବା ମହାନତା ଠିକ ବୁଝିପାରିଥିଲେ ତେଣୁ ନାରୀ ଶକ୍ତିର ସମ୍ମାନରେ ଏହି ପୂଜା ଓ ଆରାଧନାକୁ ନିଜ ଜୀବନରେ ସ୍ଥାନ ଦେଇଥିଲେ । ଦୁର୍ଗାପୂଜା ବର୍ଷକୁ ଦୁଇ ଥର କରାଯାଇଥାଏ ଗୋଟିଏ ହେଲା ବାସନ୍ତିକ ଦୁର୍ଗାପୂଜା ଆଉଗୋଟିଏ ହେଲା ଶାରଦୀୟ ପୂଜା । ଦୁର୍ଗାପୂଜା ୯ ଦିନ ଯାଏଁ ଚାଲେ ତାକୁ ନବରାତ୍ର କୁହାଯାଏ। ମା'ଙ୍କର ୯ ଟି ରୂପକୁ ଏହି ୯ ଦିନରେ ପୂଜା କରାଯାଏ। ଅନେକ ସ୍ଥାନରେ ଲୋକମାନେ ଉପବାସ ରଖି ସଂଯମ ଜୀବନ ଯାପନ କରି ଶକ୍ତିର ଉପାସନା କରିଥାନ୍ତି .। ପ୍ରତେକ ଶକ୍ତିପୀଠରେ ଏହି ନବରାତ୍ର ଖୁବ ଧୁମଧାମରେ ପାଳନ କରାଯାଏ। ଶକ୍ତିପୀଠ ହେଲା ସେହି ଜାଗା ଯେଉଁଠି ସତୀଙ୍କ ଅଙ୍ଗ ପଡିଥିଲା । ଓଡିଶାରେ ତାରାତାରିଣୀ ପୀଠ ଏକ ମୁଖ୍ୟ ଶକ୍ତି ପିଠ । କୁହାଯାଏ ସତୀଙ୍କ ମୃତ୍ୟୁ ପରେ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଧରି ଶିବ ଉନ୍ମାଦ ହୋଇ ବୁଲିଲେ । ଭଗବାନ ବିଷ୍ଣୁ ଭଗବାନ ଶିବଙ୍କ ଏହି ଦୁର୍ଦ୍ଦଶା ଦେଖି ସହିପାରିଲେନାହି ସିଏ ନିଜର ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିଦେଲେ ସେହି ଶରୀରର ଅବଶିଷ୍ଟାଂଶ ଯେଉଁଠି ଯେଉଁଠି ପଡିଲା ସେଇଠି ଶକ୍ତିପୀଠ ସ୍ଥାପନ କରାଗଲା । ଅଭିଭାଜ୍ୟ ଭାରତରେ ପ୍ରାୟ ସମସ୍ତ ଶକ୍ତିପୀଠ ସ୍ଥାପନ କରାଯାଇଥିଲା। ଭାରତର ବିଭାଜନ ପରେ ଅନେକ ଗୁଡିଏ ଶକ୍ତିପୀଠ ପାକିସ୍ଥାନ ଏବଂ ବାଂଲାଦେଶରେ ରହିଯାଇଛି । ମୁଖ୍ୟତଃ ୫୧ ଟି ଶକ୍ତିପୀଠ ରହିଛି। ସେହି ଭିତରେ ସାରଦା ପିଠ, କାଳୀଘାଟ କାଳୀ ମନ୍ଦିର , ବିମଳା ମନ୍ଦିର , ବିଶାଳାକ୍ଷୀ ମନ୍ଦିର, ଆଲୋପିଦେବୀ ମନ୍ଦିର, ଚାମୁଣ୍ଡେଶ୍ୱରୀ ମନ୍ଦିର ମୁଖ୍ୟ ଶକ୍ତିପୀଠ । ସାରଦା ପୀଠ ପାକିସ୍ଥାନର ଅଧୀନରେ ରହିଥିବା କାଶ୍ମୀରରେ ରହିଯାଇଛି । ସତୀଙ୍କର ଡାହାଣ ହାତ ସେହି ସ୍ଥାନରେ ପଡିଥିଲା । କାଳୀଘାଟର କାଳୀ ମନ୍ଦିର ପଶ୍ଚିମବଙ୍ଗରେ ରହିଛି କୁହାଯାଏ ଯେ ସତୀଙ୍କର ଡାହାଣ ପାଦର ବୁଢା ଆଙ୍ଗୁଠି ସେଠାରେ ପଡିଥିଲା । ସେହି ପରି ପୁରୀରେ ଅବସ୍ଥିତ ବିମଳା ମନ୍ଦିର ଯେଉଁ ଠାରେ ସତୀଙ୍କ ଖାଇବା ଉଚିଷ୍ଟ ପଡିଥିଲା । ବିଶାଳାକ୍ଷୀ ମନ୍ଦିର , ବାରଣାସୀରେ ଅବସ୍ଥିତ, ସତୀଙ୍କର କାନର ଗହଣା ଓ ଆଖି ସେଠାରେ ପଡିଥିଲା। ଆଲୋପିଦେବୀ ମନ୍ଦିର, ଯେଉଁଠି ସତୀଙ୍କ ଶରୀରର ଶେଷ ଅଂଶ ପଡିଥିଲା । ଏହା ପ୍ରୟାଗରାଜରେ ଅବସ୍ଥିତ । ଚାମୁଣ୍ଡେଶ୍ୱରୀ ମନ୍ଦିର ମହିଶୂରରେ ଅବସ୍ଥିତ ଏଠାରେ ସତୀଙ୍କ ବାଳ ପଡିଥିଲା ।

ନବରାତ୍ରର ୯ ଦିନ ମାଆଙ୍କର ୯ ଟି ରୂପକୁ ପୂଜା କରାଯାଏ। ହିନ୍ଦୁ ଧର୍ମର ସମସ୍ତ ପୂଜା ଓ ପର୍ବାଣି ମୂଳତଃ ମଣିଷର ମନ ବୁଦ୍ଧି ଓ ଚେତନାର ଅଭିବୃଦ୍ଧି ପାଇଁ କରାଯାଏ। ମାଆଙ୍କର ପ୍ରଥମ ରୂପ ହେଉଛି "ଶୈଳ ପୁତ୍ରୀ "। ନବରାତ୍ରୀର ପ୍ରଥମ ଦିନ ଶୈଳ ପୁତ୍ରୀ କୁ ଉପାସନା କରାଯାଏ । ନାରୀ ତା ଜନ୍ମ ସମୟରେ ତା ପିତା ବା ବାପାଙ୍କ ପରିଚୟରେ ପରିଚିତ ହୋଇଥାଏ । ଦ୍ୱିତୀୟ ଦିନ ମାଆଙ୍କୁ "ବ୍ରହ୍ମଚାରିଣୀ" ରୂପେ ପୂଜା କରାଯାଏ । ପୂଜକ ବା ମାଆଙ୍କୁ ଉପାସନା କରୁଥିବା ଭକ୍ତ ମାନେ ନିଜ ମନକୁ ଏବଂ ଇନ୍ଦ୍ରିୟଙ୍କୁ ସଂଯମ କରି ମା ଙ୍କ ଉପାସନା କରନ୍ତି। ତୃତୀୟ ଦିନ ରୂପ ହେଲା "ଚନ୍ଦ୍ରଘଣ୍ଟା"। ସାଧକ ବା ସାଧିକା ଯିଏ ଏହି ନବରାତ୍ର ପାଳନ କରିଥାନ୍ତି ସେମାନେ ଆଧ୍ୟାତ୍ମିକ ଚେତନା ପାଇବା ପାଇଁ ଧ୍ୟାନ ରତ ହୁଅନ୍ତି । ଚତୁର୍ଥ ଦିନର ରୂପ ହେଲା "କୁଷ୍ମାଣ୍ଡ ଦେବୀ " ସାଧକ ବା ସାଧିକା କୁ ଆଧ୍ୟାତ୍ମିକ ସାଧନାର ଏହି ଦିନ ଫଳ ମିଳେ। ମାଆଙ୍କ ପଞ୍ଚମ ରୂପ ହେଲା "ସ୍କନ୍ଦମାତା" । ସ୍କନ୍ଧ କୁ କୋଳରେ ଧରି ମା ବସିଥାନ୍ତି । ନାରୀର ସଫଳତା ମାତୃତ୍ୱରେ ମିଳିଥାଏ ତାର ଏକ ନିଦର୍ଶନ ହେଲା ସ୍କନ୍ଧମାତା । ଷଷ୍ଠ ଦିନ ମାତାଙ୍କୁ "କାତ୍ୟାୟାନୀ" ରୂପେ ପୂଜା କରାଯାଏ । କାତ୍ୟାୟନୀ କୁ ପୂଜା କରି ସାଧକ ଆଧ୍ୟାତ୍ମିକ ଜ୍ଞାନ ପାଇଥାଏ । ସପ୍ତମ ଦିନ ମାଆଙ୍କୁ "କାଳ ରାତ୍ରୀ" ଭାବେ ପୂଜା କରାଯାଏ । ଅଷ୍ଟମ ଦିନ ମା ଙ୍କୁ "ମହା ଗୌରୀ" ରୂପେ ପୂଜା କରାଯାଏ ଏବଂ ନବମ ଦିନ ମା ଙ୍କୁ "ସିଦ୍ଧିଦାତ୍ରୀ " ରୂପେ ପୂଜା କରା ଯାଏ ଏବଂ ସାଧକ ବା ସାଧିକା ଆଧ୍ୟାତ୍ମିକ ସିଦ୍ଧି ମା ଙ୍କ ଠାରୁ ପାଇଥାନ୍ତି।
ଦଶମ ଦିନ ରାବଣ ଦହନ କରାଯାଏ। ଦଶମ ଦିନକୁ "ବିଜୟ ଦଶମୀ" ବା ଦଶହରା ମଧ୍ୟ କୁହାଯାଏ । ରାବଣ ଆହଙ୍କାର ଓ ଆତ୍ୟାଚାରର ପ୍ରତୀକ। ନାରୀଙ୍କୁ ଦୁର୍ବଳ ଅସହାୟ ମନେ କରେ ତେଣୁ ଦଶହରା ଦିନ ରାବଣ ବଦ୍ଧ ବା ରାବଣ ଦହନ ନାରୀ ଶକ୍ତିର ଜୟ ଗାନ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

# ଜନ୍ମ ଓ ମୃତ୍ୟୁହାର ହ୍ରାସର ଚେତାବନୀ

ରେଜିଷ୍ଟ୍ରାର ଜେନେରୋଲ ଅଫ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ୨୦୨୩ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ (ଏସଆରଏସ) ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଦେଶ ଏବେ ଚିନ୍ତାଜନକ ଭାବେ ଏକ ଜନସାଂଖ୍ୟକୀୟ ପରିବର୍ତ୍ତନ ଦେଇ ଗତି କରୁଥିବା ସଂକେତ ପ୍ରଦାନ କରେ। ଏସଆରଏସ ପରିସଂଖ୍ୟାନ ତଥ୍ୟ ସୂଚନା ଦେଇଛି ଯେ, ଦେଶରେ କ୍ରୁଡ୍ ବାର୍ଥ ରେଟ(ସିବିଆର) ଏବଂ ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ନିମ୍ନଗାମୀ ହୋଇଛି । ଦେଶରେ ୧୯୭୧ ମସିହାରେ କ୍ରୁଡ୍ ବାର୍ଥ ରେଟ୍ ପ୍ରତି ୧୦୦୦ରେ ୩୬.୯ ଥିବାବେଳେ ୨୦୨୩ରେ ତାହା ୧୭.୧କୁ ହ୍ରାସ ପାଇଛି। ସେହିପରି ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ୧.୯କୁ ହ୍ରାସ ପାଇଛି। ୨୦୨୧ରେ ଟିଏଫଆର ୨.୦ଥିବାବେଳେ ୨୦୨୨ରେ ତାହା ୧.୯କୁ ଖସି ଆସିଛି। ଟିଏଫଆର ହେଉଛି ଜୀବନକାଳ ମଧ୍ୟରେ ଜଣେ ମହିଳାଙ୍କ ହାରାହାରି ପ୍ରଜନନ ବା ଶିଶୁ ଜନ୍ମ ହାର। କହିବା ବାହୁଲ୍ୟ ଯେ, ୨.୧କୁ ପ୍ରଜନନର ଉପଯୁକ୍ତ ହାର ବୋଲି ବିବେଚନା କରାଯାଉଥିବାବେଳେ ଏହାଠାରୁ ତଳକୁ ଖସିବା ନିଶ୍ଚିତ ଭାବେ ଚିନ୍ତାଜନକ। ସେହିପରି ୨.୧ ଜନସଂଖ୍ୟା ବୃଦ୍ଧିର ସଂକେତ ପ୍ରଦାନ କରିଥିବାବେଳେ ଏହାଠାରୁ ତଳକୁ ଖସିଲେ ଜନସଖ୍ୟା ହ୍ରାସ ଏବଂ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧିର ସୂଚନା ପ୍ରଦାନ କରିଥାଏ। ଭାରତ ଏବେ ଏକ ବୟସ୍କ (ବୁଢା) ଲୋକଙ୍କ ଦୋମୁହାଁ ହୋଇଛି, ଏଥିରେ ସନ୍ଦେହ ନାହିଁ। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ୭୦ଦଶକରୁ ଆରମ୍ଭ ହୋଇଥିବା ଯୋଜନାର ଏହା ହେଉଛି ପ୍ରଭାବ। ପରିସଂଖ୍ୟାନ ଅନୁଯାୟୀ ୧୯୭୧ରେ ପ୍ରତି ୧୦୦୦ରେ ଜାତୀୟ ପ୍ରଜନନ ହାର ୫୨ଥିବାବେଳେ ଏବେ ଏହା ୧.୯କୁ ହ୍ରାସ ପାଇଛି। ପ୍ରତି ଦଶନ୍ଧିରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ୧୯୭୧ରେ ଦେଶରେ ୦-୧୪ବର୍ଷ ପିଲାଙ୍କ ସଂଖ୍ୟା ୪୧.୨ ଥିବା ବେଳେ ୨୦୨୩ ବେଳକୁ ୨୪.୨ କୁ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରେ ଭାରତ ଯୁବକଙ୍କ ଦେଶ ଭାବେ ବିଶ୍ୱ ଦରବାରରେ ପରିଚିତ ଥିଲା। ସେତେବେଳେ ଦେଶର ମୋଟ ଜନସଂଖ୍ୟାର ୬୫ପ୍ରତିଶତ ଯୁବବର୍ଗର ଅର୍ଥାତ ୧୫ରୁ ୪୫ବର୍ଷ ବୟସ୍କ ଥିଲେ। ଜନ୍ମହାର ହ୍ରାସ ପାଇବା ସହ ଦେଶରେ ମୃତ୍ୟୁ ହାର ହ୍ରାସ ପାଇବାରେ ଲାଗିଛି। ଏସଆରଏସ ରିପୋର୍ଟ ଅନୁଯାୟୀ ଗତ ୪୦ବର୍ଷ ମଧ୍ୟରେ ଜନ୍ମ ଓ ମୃତ୍ୟୁ ହାର ଅଧା ଅର୍ଥାତ ୫୦ପ୍ରତିଶତ ହ୍ରାସ ପାଇଛି। ଦେଶରେ ୧୯୭୧ରେ କ୍ରୁଡ୍ ମୃତ୍ୟୁହାର ୧୪.୯ ଥିବାବେଳେ ୨୦୨୩ରେ ୬.୪କୁ ଖସି ଆସିଛି। ସେହିପରି ଶିଶୁ ମୃତ୍ୟୁ ହାର ୧୯୭୧ରେ ପ୍ରତି ୧୦୦୦ରେ ୧୨୯ ଥିବା ସମୟରେ ୨୦୨୩ରେ ଏହା ୨୨କୁ ହ୍ରାସ ପାଇଛି। ସେହିପରି ମାତୃ ମୃତ୍ୟୁ ହାର ମଧ୍ୟ ଏହି ଅବଧି ମଧ୍ୟରେ ପ୍ରତି ୧,୦୦,୦୦୦ରେ ୯୭ପ୍ରତିଶତକୁ ହ୍ରାସ ପାଇଛି। ଉତ୍ତମ ସ୍ୱାସ୍ଥ୍ୟ ଚିକିତ୍ସା, ପରିବାର ନିୟୋଜନ ଏବଂ ସାମାଜିକ ସୁସ୍ଥ ଅବସ୍ଥା ଯୋଗୁଁ ଏହା ସମ୍ଭବ ହୋଇଛି। ଯାହାର ପରିଣତି ସ୍ୱରୁପ ଦେଶରେ ବୟସ୍କ(ବୁଢା) ଲୋକଙ୍କ ସଂଖ୍ୟା ବଢଚାଲିଛି। କିନ୍ତୁ ଭାରତ ଏକ ବିଶାଳ ଦେଶ ହୋଇଥିବା ଯୋଗୁଁ ଆଂଚଳିକ ତଥା ରାଜ୍ୟଗୁଡିକର ବିବିଧତା ଦୃଷ୍ଟିରୁ ଜନ୍ମ ଓ ମୃତ୍ୟୁହାର ଭିନ୍ନ ଭିନ୍ନ ରହିଛି। ବିହାରରେ ସିବିଆଇ ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ସର୍ବୋଚ୍ଚ ତଥା ୨୫.୮ ପ୍ରତିଶତ ଥିବାବେଳେ ତାମିଲନାଡୁରେ ୧୨ପ୍ରତିଶତ ରହିଛି। ସେହିପରି ବିହାରରେ ଜନ୍ମହାର ସର୍ବୋଚ୍ଚ ୨.୮ ଥିବା ସମୟରେ ଜାତୀୟ ରାଜଧାନୀ ଦିଲ୍ଲୀରେ ସର୍ବନିମ୍ନ ୧.୨ ରହିଛି। ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଟିଏଫଆର ୧.୨ରହିଛି। ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଟିଏଫଆର ୨.୧ ରିପ୍ଲେସମେଣ୍ଟ ଲେବଲ ତଳେ ରହିଛି। ଦିଲ୍ଲୀ, ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ରରେ ଟିଏଫଆର ୨.୦ ତଳେ ଥିବାବେଳେ ଉତ୍ତରଭାରତୀୟ ରାଜ୍ୟ ବିହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଆଦିବାସୀ ବହୁଳ ରାଜ୍ୟ ଛତିଶଗଡର ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଟିଏଫଆର ୨.୧ ତଳକୁ ଖସିଲେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି କରେ ଏସଆରଏସ ତଥ୍ୟ ସୂଚନା ପ୍ରଦାନ କରିଛି ଯେ, ଦେଶରେ ୬୦ବର୍ଷ କିମ୍ବା ତଦ୍‌ର୍ଦ୍ଧ ବୟସ୍କ ବୁଢା ଲୋକଙ୍କ ସଂଖ୍ୟା ବାର୍ଷିକ ୦.୭ ପ୍ରତିଶତରୁ ୯.୭ ପ୍ରତିଶତକୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୫ପ୍ରତିଶତ ବୟସ୍କ ଥିବା ରିପୋର୍ଟରେ କୁହାଯାଇଥିବାବେଳେ ଦିଲ୍ଲୀ, ଆସାମ ଏବଂ ଝାଡଖଣ୍ଡରେ ବୟସ୍କଙ୍କ ହାର କମ୍ ରହିଛି। ବିଶ୍ୱର ସର୍ବବୃତ ଜନବହୁଳ ରାଷ୍ଟ୍ର ଭାରତରେ ଲୋକସଂଖ୍ୟା ଏବେ ୧୪୬ କୋଟିରେ ପହଁଚିଥିବାବେଳେ ସେହି ଅନୁପାତରେ ବୁଢା ଲୋକଙ୍କ ସଂଖ୍ୟା ବଢିଛି। ଏହା ନିସନ୍ଦେହ ଯେ, ଯେକୌଣସି ରାଷ୍ଟ୍ରର ବିକାଶ କେବଳ ଯୁବଶକ୍ତି ସମ୍ବଳ ଉପରେ ନିର୍ଭର କରିଥାଏ। କିନ୍ତୁ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତି, ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ଅତୀତରେ ଚୀନ ଏକ ସନ୍ତାନ ନୀତି ଆପଣାଇଥିବା ଯୋଗୁଁ ଏବେ ସେ ଦେଶ ଉପରେ ବୟସ୍କ ବୋଝ ପଡିଛି। ଚୀନ ଏବେ ଦେଶରେ ବହୁ ସନ୍ତାନ ନୀତିକୁ ବାଧ୍ୟତାମୂଳକ କରିବା ସହ ବହୁ ପ୍ରୋତ୍ସାହନ ମଧ୍ୟ ଦେଇଛି। ଦେଶରେ ଜନସଂଖ୍ୟା ବୃଦ୍ଧି ପାଇଁ ଭାରତକୁ ସ୍ୱତନ୍ତ୍ର ନୀତି କାର୍ଯ୍ୟକାରି କରିବାର ସମୟ ଏବେ ଆସିଛି। ଦକ୍ଷିଣ ଭାରତର କେତେକ ରାଜ୍ୟ ବହୁ ସନ୍ତାନ ଜନ୍ମ ପାଇଁ ଆହ୍ୱାନ ଦେଇସାରିଲେଣି। ଜନ୍ମହାର ବୃଦ୍ଧି କ୍ଷେତ୍ରରେ ଥିବା ପ୍ରତିବନ୍ଧକ ତୁରନ୍ତ ହଟାଇବା ଆବଶ୍ୟକ। ଅନ୍ୟଥା ଭାରତ ବୟସ୍କଙ୍କ ଦେଶରେ ପରିଣତ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ–୫୨

## ରଷ୍ୟଶୃଙ୍ଗଙ୍କ କାହାଣୀ–୧



ତୀର୍ଥଯାତ୍ରାରେ ବାହାରିଥିବା ପାଣ୍ଡବମାନଙ୍କୁ ଋଷି ଲୋମଶ ଏହି କାହାଣୀ କହିଥିଲେ – ଋଷି ବିଭାଣ୍ଡକ। କୁହାଯାଏ ଜଗତ ସର୍ଜନା କରିଥିବା ବ୍ରହ୍ମାଙ୍କ ପରି ସେ ଉଜ୍ଜ୍ୱଳ ଶରୀର ପ୍ରାପ୍ତ। ତାଙ୍କର ପୁଅଙ୍କ ନାମ ରଷ୍ୟଶୃଙ୍ଗ। ଉଭୟ ଋଷି ଓ ଋଷିପୁତ୍ର ବନସ୍ତରେ ଆଶ୍ରମକରି ରହୁଥିଲେ। ରଷ୍ୟଶୃଙ୍ଗ ତାଙ୍କ ପିତାଙ୍କ ବ୍ୟତୀତ କୌଣସି ମାନବ ଓ ମାନବୀଙ୍କୁ ଦେଖିନଥିଲେ।

ଏକଦା ଅଙ୍ଗଦେଶରେ ଭୟଙ୍କର ମରୁଡ଼ି ପଡ଼ିଲା। କ୍ଷେତରେ ଶସ୍ୟ ପୋଡ଼ିଗଲା। ନଈ ପୋଖରୀ ଶୁଖିଗଲା। ପାଣି ବିହୁନେ ଜୀବଜଗତ ହାହାକାର କରିଉଠିଲେ। ରାଜା ଲୋମପାଦ, ବ୍ରାହ୍ମଣମାନଙ୍କ ପରାମର୍ଶ ଲୋଡ଼ିଲେ, କେମିତି ରାଜ୍ୟକୁ ମରୁଡ଼ିଦାଉରୁ ରକ୍ଷା କରିହେବ। ବ୍ରାହ୍ମଣମାନେ ଏକ ସ୍ୱରରେ ଗୋଟିଏ କଥା କହିଲେ ଯେ, ରଷ୍ୟଶୃଙ୍ଗ ନାମରେ ଜଣେ ବ୍ରହ୍ମଚାରୀ ଅଛନ୍ତି, ଯେକି ତପବଳରେ ଇମିତିଶକ୍ତି ହାସଲ କରିଛନ୍ତି ଯେ ବର୍ଷାକୁ ସେ ଇଚ୍ଛାନୁସାରେ ଆବାହନ କରିପାରନ୍ତି।

ଏହା ଶୁଣିଲା ପରେ ରାଜା ତାଙ୍କର ପାରିଷଦଙ୍କ ସହ ପରାମର୍ଶ କଲେ। କେମିତି ରଷ୍ୟଶୃଙ୍ଗଙ୍କୁ ରାଜ୍ୟକୁ ଆଣିହେବ। ସେମାନଙ୍କ ପରାମର୍ଶ ଅନୁସାରେ, ରାଜା ନଗ୍ରର କେତେଜଣ ସୁନ୍ଦରୀ ନର୍ତ୍ତକୀଙ୍କୁ ଅଣାଇଲେ। ସେମାନଙ୍କ ଉପରେ ରଷ୍ୟଶୃଙ୍ଗଙ୍କୁ ରାଜ୍ୟକୁ ଆଣିବାର ଦାୟିତ୍ୱ ନ୍ୟସ୍ତକଲେ।

ସୁନ୍ଦରୀ ନର୍ତ୍ତକୀ ଏପରି ଶୁଣିବା ପରେ ଭୟ ପାଇଗଲେ। ଋଷି ବିଭାଣ୍ଡକଙ୍କୁ ସେମାନଙ୍କର ଭୟଥିଲା। କିନ୍ତୁ କ'ଣ ଆଉ କରାଯିବ! ଯାହା କପାଳରେ ଥିବ! – ସେମାନେ ରାଜି ହେଲେ।

ଗୋଟିଏ ବିଶାଳ ଡଙ୍ଗା। ସେଥିରେ କୃତ୍ରିମ ବଗିଚା ଅଛି ଓ ଗଛଲତା ଅଛି। ସୁନ୍ଦରୀ ନର୍ତ୍ତକୀ ମାନଙ୍କର ନେତ୍ରୀଙ୍କ ଆଦେଶ ଅନୁସାରେ ଡଙ୍ଗା, ବିଭାଣ୍ଡକ ଋଷିଙ୍କର ଆଶ୍ରମ ଦିଗରେ ନଦୀରେ ଭାସିଚାଲିଲା। ଏବଂ ଆଶ୍ରମଠୁ ନିରାପଦ ଦୂରତାରେ ଡଙ୍ଗା ନଈ ମଧ୍ୟରେ ଅଟକିଲା। ଉପଯୁକ୍ତ ମୁହୂର୍ତ୍ତ ପହଞ୍ଚିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷାକଲେ।

ସେଦିନ ଆଶ୍ରମରେ ବିଭାଣ୍ଡକ ନଥାନ୍ତି। ଏହାକୁ ସୁଯୋଗ ଭାବି ଜଣେ ସୁନ୍ଦରୀ ନର୍ତ୍ତକୀ ଆଶ୍ରମରେ ପହଞ୍ଚିଲେ। ଯୁବକ ରଷ୍ୟଶୃଙ୍ଗ ଆଶ୍ଚର୍ଯ୍ୟ। ଇଏ କିଏ?

ନର୍ତ୍ତକୀ କହିଲେ, "ହେ ମହାନ୍ ଋଷି! ଆପଣ ଭଲ ଅଛନ୍ତି ତ! ଫଳମୂଳ ଠିକ୍‌ରେ ପାଉଛନ୍ତି ତ! ମହାଶୟଙ୍କର ବେଦ ଅଧ୍ୟୟନ ଠିକ୍ ଆଗଉଛି ତ!"

ଯୁବକ ରଷ୍ୟଶୃଙ୍ଗ ପୂର୍ବରୁ କେବେଁ ନାରୀ ଦେଖିନଥିଲେ। ଏବଂ ଏଭଳି ମଧୁର କଣ୍ଠରେ ସମ୍ଭାଷଣ ଶୁଣିନଥିଲେ। ସେ ଭାବିଲେ, ନାରୀଜଣକ ତାଙ୍କ ଭଳି ଜଣେ ବ୍ରହ୍ମଚାରୀ।

ସେ କହିଲେ, "ତୁମେ ନିଶ୍ଚୟ ଜଣେ ବ୍ରହ୍ମଚାରୀ। ମୋ ପରି। କିଏ ତୁମେ? ତୁମର ଆଶ୍ରମ କେଉଁଠି?" ତାଙ୍କ ମନ ମଧ୍ୟରେ କିପରି ଏକ ନୂଆଭାବ ସୃଷ୍ଟି ହେଉଥିବା ପରି ତାଙ୍କୁ ଲାଗୁଥିଲା। ସେ ବେଶ୍ ଖୁସିଥିଲେ।

ସୁନ୍ଦରୀ ନାରୀଜଣକ ଉତ୍ତର ଦେଲେ, "ଏଠାରୁ ତିନି ଯୋଜନ ଦୂରରେ ମୋର ଆଶ୍ରମ। ମୁଁ ମହାଶୟଙ୍କ ପାଇଁ କିଛି ଫଳ ଆଣିଛି। ଗ୍ରହଣ କରିବା ହୁଅନ୍ତୁ।"

ସେ ରଷ୍ୟଶୃଙ୍ଗଙ୍କୁ ଆଲିଙ୍ଗନ କଲେ। ଫଳ ଓ ମିଠା ତାଙ୍କୁ ଖୁଆଇଲେ। ଏବଂ ତାଙ୍କ ଦେହରେ ସୁଗନ୍ଧି ବୋଳିଦେଲେ ଓ ଫୁଲମାଳା ତାଙ୍କ ବେକରୁ ଲମ୍ବେଇ ତାଙ୍କୁ ସଜେଇଦେଲେ। ପୁନରାୟ ସେ ରଷ୍ୟଶୃଙ୍ଗଙ୍କୁ ଆଲିଙ୍ଗନ କଲେ।

ରଷ୍ୟଶୃଙ୍ଗଙ୍କୁ ସବୁ ନୂଆ ନୂଆ ଲାଗୁଥିଲା। ତେବେ ସେ ସୁନ୍ଦରୀ ନର୍ତ୍ତକୀଙ୍କ ସାନ୍ନିଧ୍ୟକୁ ଉପଭୋଗ କରୁଥିଲେ।

ଅଳ୍ପ ସମୟ ପରେ ନର୍ତ୍ତକୀ ଭୟକଲେ, ବିଭାଣ୍ଡକ ଆସିଯିବେ କି! କହିଲେ, "ମହାଶୟ ମୋତେ ବିଦାୟ ଦେବା ହୁଅନ୍ତୁ। ମୋତେ ଆଶ୍ରମରେ ଅଗ୍ନିହୋତ୍ର ଯଜ୍ଞ କରିବାକୁ ହେବ।" ସେ ଚଲାକି କରି ଆଶ୍ରମରୁ ଖସିଗଲେ।

ସତକୁ ସତ ବିଭାଣ୍ଡକ ଫେରିଲେ। ସେ ଆଶ୍ରମରେ ପାଦ ରଖିବା ମାତ୍ରେ ଆଶ୍ରମର ପରିବେଶ ବଦଳିଯାଇଥିବା ଦେଖି ଆଶ୍ଚର୍ଯ୍ୟ ହେଲେ। ଛିଡ଼ାଫୁଲ ଓ ମିଠା ଏଣେତେଣେ ପଡ଼ିଥିଲା। ପାଖରେ ଲାଗିଥିବା ଲତାକୁଞ୍ଜ ଛିଡ଼ିଯାଇଥିବା ସେ ଦେଖିଲେ। ଏବଂ ଏହା ମଧ୍ୟ ଦେଖିଲେ ଯେ ପୁଅର ମୁହଁକୁ କେମିତି ଏକ ନୂଆ ଭାବ ଚାହିଁରହିଛି। ପୁଅ ପୂରା ଅନ୍ୟମନସ୍କ।

ବିଭାଣ୍ଡକ ପଚାରିଲେ, "ପୁଅ, ତୁମେ ଯଜ୍ଞ ପାଇଁ କାହିଁକି କାଠ ସଂଗ୍ରହ କରିନାହଁ? କିଏ ଏହି ଲତା ଫୁଲବୁଦାକୁ ଛିଡେଇଛି? କିଏ ତୁମକୁ ଏହି ଫୁଲମାଳା ଦେଇଛି?"

ସରଳ ରଷ୍ୟଶୃଙ୍ଗ ଉତ୍ତର ଦେଲେ, "ଜଣେ ବ୍ରହ୍ମଚାରୀ ଆସିଥିଲେ। ସେ ନୂଆ ଦିଶୁଥିଲେ। ସେପରି ବ୍ରହ୍ମଚାରୀ ମୁଁ ଦେଖିନଥିଲି। ତାଙ୍କ ରୂପ ମଧୁର ଓ କଣ୍ଠ ମଧୁର। ସେ ଯେତେବେଳେ ମୋତେ ଆଲିଙ୍ଗନ କଲେ ନୂଆ ଏକ ଭାବ ମୁଁ ଅନୁଭବ କଲି।" ଏତିକି କହି ସେ ଆଗନ୍ତୁକା କିପରି ଦିଶୁଥିଲେ ବର୍ଣ୍ଣନା କଲେ। ଏବଂ କହିଲେ, "ତାଙ୍କର ଉପସ୍ଥିତି ମୋତେ ଭଲ ଲାଗୁଥିଲା। ସେ କେଉଁ ଆଡ଼େ ଗଲେ ମୁଁ ତାଙ୍କୁ ଖୋଜି ଏହିଠାକୁ ଡାକିଆଣିବି। ତାଙ୍କର ମଧୁର କଥା ଓ ଦେହର ଉଜ୍ଜ୍ୱଳତା ଅବର୍ଣ୍ଣନୀୟ।"

କ'ଣ ଘଟିଯାଇଛି, ବିଭାଣ୍ଡକ ଯେତିକି ଶୁଣିଲେ ଅଧିକ ଅନୁମାନ କଲେ। ପୁଅ ମୋର କୌଣସି ମାୟାବିନୀ ହାବୁଡ଼ରେ ପଡ଼ିଯାଇଛି। ସେ କହିଲେ, "ପୁଅ! ତୁମେ ଯାହାକୁ ଭେଟିଛ, ସେ କଦାଚ ବ୍ରହ୍ମଚାରିଣୀ ନୁହଁ। ସେ ଜଣେ ରାକ୍ଷସୀ। ରୂପ ବଦଳକରି ସେ ଆସିଥିଲା। ଆମର ସାଧନାରେ ଆଞ୍ଚ ଆଣିବାକୁ। ତୁମେ ତାକୁ ଭେଟିବାକୁ ଚେଷ୍ଟା କରିବନାହିଁ। ତୁମର ଓ ମୋର କ୍ଷତିହେବ।"

କହିଲେ ଅବଶ୍ୟ, ତେବେ ସେ କିଏ ହୋଇପାରେ ସେ ଖୋଜିହେଲେ। ନିକଟସ୍ଥ ଅରଣ୍ୟରେ ସେ ତିନିଦିନ ଧରି ଖୋଜିଲେ, କିନ୍ତୁ ଅସଫଳ ହେଲେ। ଅନ୍ୟପକ୍ଷରେ ରଷ୍ୟଶୃଙ୍ଗ ସବୁବେଳେ ଅନ୍ୟମନସ୍କ ରହିଲେ। ଏକଥା ବିଭାଣ୍ଡକ ଜାଣିପାରିଲେ ମଧ୍ୟ ଭାବିଲେ ସମୟକ୍ରମେ ପୁଅ ଭୁଲିଯିବ ଓ ସବୁ ପୂର୍ବାବସ୍ଥା ପ୍ରାପ୍ତ ହେବ। ଏହିମତେ ଦିନ ବିତିବାକୁ ଲାଗିଲା। **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍– ୭*
*ମୋ– ୮୨୪୯୬୯୩୩୦୮*



# ଆସ ମାଆ ଦୁର୍ଗା

*ଦଶରଥ ମାଝୀ*

ଆସ ମାଆ ଦୁର୍ଗା ନବ ରୂପ ଧରି
ଧରଣୀ ବକ୍ଷେ ଓହ୍ଲାଇ
ଅମା ଅନ୍ଧକାର ପାପ ତାପ ନାଶି
ଆଶାର ଦୀପ ଜଳାଇ (୧)

ଭାଇର ମଙ୍ଗଳ ମନାସି ଭଉଣୀ
କରିବ ଅଷ୍ଟମୀ ଓଷା
ଦଶମୀ ତିଥିରେ ରାବଣ ପୋଡିଲେ
ଜଳି ଯିବ ସବୁ ହିଂସା (୨)

ପୂଜା ମଣ୍ଡପରେ ତୋ ଦିବ୍ୟ ମୂରତି
ଭକତକୁ ନେବ ଟାଣି
କାଶତଣ୍ଡୀ ଫୁଲ ସ୍ୱାଗତ କରୁଛି
କମିଲାଣି ବର୍ଷା ପାଣି (୩)

ମହିଷା ମର୍ତ୍ତ୍ୟରେ କରିଛି ଗମନ
କରୁଛି କେତେ ଗର୍ଜନ
ଶିବଙ୍କ ତ୍ରିଶୂଳ ହସ୍ତେ ଧରି ମାଗୋ
କରିବ ତାକୁ ନିଧନ (୪)

ଦଶହରାରେ ଦୁର୍ଗତି ନାଶିନୀ ମାଆ
ଘେନ ପୁଷ୍ପାଞ୍ଜଳି ମୋର
ସୁଖ ଶାନ୍ତି ଦିଅ ଶୁଭାଶିଷ ଦେଇ
କୋଟି ଘେନ ନମସ୍କାର (୫)

*କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ–୮୨୪୯୨୧୨୪୭୨*

# କାଶତଣ୍ଡୀ କହେ କଥାଟିଏ

*ସୁଧାକର ରାଉତ*

କାଶତଣ୍ଡୀ କହେ ପିଲାଏ ଶୁଣ
କଥାକୁ ମୋର ଅନ୍ୟଥା ନ ମଣ।
ବିଲ, ପଡିଆ ଓ ପଠାରେ ମୁହିଁ
ଜନମି ମାଆଙ୍କୁ ରହିଛି ଚାହିଁ।
କେତେ ଝଡ ବର୍ଷା ତା ସଙ୍ଗେ ଖରା
ସହୁଛି ତୁମେ ଦେଖିଥିବ ପରା।
ଧଇର୍ଯ୍ୟକୁ ସଦା କରିଣ ସଙ୍ଗୀ
ତିଳେ ହେଲେ ମୁହିଁ ପଡିନି ଭାଙ୍ଗି।
ଉର୍ଦ୍ଧ୍ୱକୁ ଟେକିଛି ମଥାକୁ ମୋର
ବାଧା ବିପତ୍ତିକୁ ନାହିଁ ମୋ ଡର।
ସୁମରଣା କରି ବିଭୂଙ୍କ ନାମ
କାଟେ ଦିନ ରାତି କରି ମୋ କାମ।
ଶୁଭ୍ର ରୂପେ ମୋହେ ସବୁରି ମନ
ତାହାହିଁ ମୋ ପାଇଁ ଅମୂଲ୍ୟ ଧନ।
ପାଇଅଛି ମୁଁ କେତେ କ୍ଷୀଣ ତନୁ
ସେ କଥା ପାଶୋରି ଦେଇଛି ମନୁ।
ଅଳ୍ପଦିନ ପାଇଁ ଜୀବନ ପାଇ
ସବୁରି ମନେ ଖୁସି ଦେଉ ଥାଇ।
ମୋ ପରି ତୁମେ ବି ହୋଇଲେ ପିଲେ
ସଂସାରେ ସୁନାମ ଅର୍ଜିବ ଭଲେ।

*ପ୍ରତାପ ନଗରୀ, କଟକ*
*ମୋ–୮୨୪୯୯୩୨୭୯୨*

# ଦେବୀ ଦେବେ ଦରଶନ

*ସୁଜିତ କୁମାର ମିଶ୍ର*



ଆକାଶରେ ଆଉ ମେଘଖଣ୍ଡ ନାହିଁ,
ପାରବଣ ଋତୁ ଆସିଲା ପାଖେଇ,
ଦେବୀ ଦେବେ ଦରଶନ
ଭକତଙ୍କ ମେଳେ ଭକତିରେ ମଜି
ଆଶିଷ ଦେବେ ସେ ଜାଣ।

ଶୁଭୁଥିବ ମନ୍ତ୍ର ଗୀତ ବେଦପାଠ
ହୁଳହୁଳି ଆଉ ପୂଜକର ଘଣ୍ଟ,
ଦେବୀ ଦେବେ ଦରଶନ
କୁନା ମୁନା ଲୁନା ଆସି କରୁଥିବେ
ଭକ୍ତିପୂତ ନିବେଦନ।

ସୁନାଚାନ୍ଦି ସବୁ ଗଢିଛନ୍ତି ଦେବୀ
ତଥାପି ସଂସାରେ ସେ ବଡ ଅଭାବୀ
ଦେବୀ ଦେବେ ଦରଶନ
ଓହ୍ଲାଇ ଆସନ୍ତି ମରତକୁ ଥରେ
ଦେଖିବାକୁ ଭକ୍ତଜନ।

ନାଶିବେ ଧରାରୁ ଦୁଷ୍ଟ ଦଶାନନ
ଦଶହରା ହେବ ଆନନ୍ଦର ଦିନ
ଦେବୀ ଦେବେ ଦରଶନ,
ତୁମରି ଚରଣେ ଭକତି ଆମର
ଘେନ ମହାମାୟୀ ଘେନ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ–୭୬୮୩୮୬୭୭୪୨*

# ଫୁଟାଇ ଛାଣି ପିଇବ ପାଣି

*ମହେନ୍ଦ୍ର କୁମାର ଘଡ଼େଇ*



ସଅଳ ଉଠି ମୁହଁ ଧୋଇବ
ନିତ୍ୟ କରମ ଶେଷ
ଯୋଗ ବ୍ୟାୟାମ ପଛରେ ପଢ଼ା
ବହିକୁ ଧରି ବସ।

ଆଜିର ପାଠ ଆଜି କରିବ
ଅଳସ ଛାଡ଼ି ଦେଇ
କୂଟ କପଟ ବରଜି ସତ
କଥାକୁ ଥିବ କହି।

ପର ଦରବ ପାଇଲେ ଖୋଜି
ଜିମା କରିବ ଆଗ
ଅନ୍ୟାୟ ଛାଡ଼ି ସତ୍ୟ ନୀତିରେ
ଲାଗିବ ନାହିଁ ଦାଗ।

ଦୁଃଖୀ ଉଦାସୀ ପାଖରେ ଦେଖି
ବଢାଅ ଦାନ ହାତ
ସ୍ୱଚ୍ଛ ନିର୍ମଳ ପରିବେଶରେ
ଗଢ଼ ଜୀବନ ପଥ।

ଫୁଟାଇ ଛାଣି ପିଇବ ପାଣି
ମଶାରି ଦେଇ ଶୁଅ
ଖାଇବା ଆଗ ପଛରେ ହାତ
ଧୋଇକି ସଜ ଖାଅ।

ଜଳାଶୟରେ ପକାଅ ନାହିଁ
ଅଳିଆ ଆବର୍ଜନା
ତାହାରି ପାଇଁ ଦେହକୁ ରୋଗ
ଡେଇଁପଡ଼ିବ ସିନା।

ଗୁରୁଜୀ ମାତା ପିତା ବ୍ରାହ୍ମଣ
ଗୋପୂଜ ମନ ଦେଇ
ଖୁସି ମନରେ କାମରେ ଲାଗ
ସଫଳ ହେବ ଯାଇ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,*
*ମୋ–୯୪୩୭୭୪୦୫୬୬*

# ଚୋରି ଅଟେ ମହାପାପ

*ସୁରମା ମିଶ୍ର*



ବିରାଡ଼ି ଦୁଇଟି ଥିଲେ
ପିଠାଟିଏ ଦିନେ ଚୋରି କରି ଆଣି
ଭାଗବାଣ୍ଟି ନପାରିଲେ ॥

ଲାଗିଗଲେ ଦୁହେଁ କଳି
କିପରି ପିଠାକୁ ଖାଇବେ ସେ ବାଣ୍ଟି
ମନେମନେ ହେଲେ ଭାଳି ॥

ଗଛରେ ମାଙ୍କଡ଼ଟିଏ
ବସି ଦେଖୁଥିଲା ବିରାଡ଼ିଙ୍କ କଳି
ସୁଯୋଗ ନେଲାରେ ସିଏ ॥

ତରାଜୁ ଗୋଟିଏ ଧରି
କହିଲା ଆସରେ ପିଠା ବାଣ୍ଟିଦେବି
ଖାଇଦେବ ମନ ଭରି ॥

ବିରାଡ଼ି ଖୁସି ହୋଇଲେ
ପିଠାଟାକୁ ନେଇ ମାଙ୍କଡ ହାତରେ
ସରାଗେ ଧରାଇ ଦେଲେ ॥

ଗଛରୁ ମାଙ୍କଡ ଆସି
ପିଠାଟାକୁ ଦୁଇଖଣ୍ଡ କରିଦେଇ
ଓଜନ କରିଲା ବସି ॥

ମାଙ୍କଡ ବୁଦ୍ଧି ପାଞ୍ଚିଲା
ଯେଉଁ ପଟ ପିଠା ତଳକୁ ହୋଇଲା
ସେଥିରୁ ଖଣ୍ଡେ ଖାଇଲା ॥

ଏପରି ଓଜନ କରି
ଖଣ୍ଡେ ଖଣ୍ଡେ ପିଠା ଖାଇ ଦେଉଥାଏ
ପିଠା ଯାଉଥାଏ ସରି ॥

ଶେଷକୁ ବଳିଲା ଖଣ୍ଡେ
କହିଲା ମାଙ୍କଡ ପରିଶ୍ରମ କଲି
ଏ ଖଣ୍ଡ ଦେବି ମୁଁ ତୁଣ୍ଡେ ॥

ବୋକା ବିଲେଇ ଦୁଇଟି
ମାଙ୍କଡ ବୁଦ୍ଧିରେ ପଡ଼ି ହରାଇଲେ
ଚୋରି କରିବା ପିଠାଟି ॥

ଶିଖ ପିଲାମାନେ ଶିଖରେ
ପରର ବୁଦ୍ଧିରେ ପଡ଼ନାହିଁ କେବେ
ପାଇବ ଅଶେଷ ଦୁଃଖରେ ॥

ଚୋରି ଅଟେ ମହା ପାପ
କରିବନି କେବେ ଚୋରି କରିବନି
ଠାକୁର କରିବେ କୋପ ॥

*ବିଏଲ–୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ–୯୮୫୩୩୪୩୯୬୫*

# ଏମିତି ଋତୁଟେ କାହିଁ !

*କୀର୍ତ୍ତନ ସାହୁ*



ବରଷା ପଡୁନି
ପତର ଝଡୁନି
ଶ୍ୟାମଳ ସୁଷମା ଶିରୀ
ଚାଷୀ ଭାଇ ମନ
କେଡ଼େ ଛନ ଛନ
କାମେ ଲାଗେ ଘିରି ଘିରି।

ପାଣି ତ ମିଶୁନି
ଗୋଳିଆ ଦିଶୁନି
କୂଅ ପୋଖରୀର ପାଣି
ଗଡ଼ିଆ ହୁଡ଼ାରେ
ବସି ଗଲେ ଥରେ
ଶୋଭା ତାର ଯିବା ଜାଣି।

କାଶତଣ୍ଡି ହସେ
ପଥିକ ଯେ ରସେ
ଦେଖି ଦେଲେ ତାର ରୂପ
ମନ ମୋହି ନିଏ
କେତେ ଖୁସି ଦିଏ
ପରଜା ହେଉ କି ନୃପ।

ଆକାଶ ନିର୍ମଳ
ଆହା କି ବିମଳ
ତାରା ମେଳେ ହସେ ଜହ୍ନ
ରୂପେଲି ଜୋଛନା
କରେ ଆନମନା
ବାନ୍ଧି ରଖେ ପୁଣି ମନ।

ମନ ମୋହି ନିଏ
ହୃଦ ଛୁଇଁ ଦିଏ
ଏମିତି ଋତୁଟେ କାହିଁ !
ଆହା କେଡ଼େ ଶୋଭା
ଭାରି ମନ ଲୋଭା
ସଭିଏଁ ରହନ୍ତି ଚାହିଁ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ମୋ– ୯୪୩୮୪୧୪୭୦୧*

# ଦଶହରା

*ରୂପେଶ ରଂଜନ ରାଉତ*



ମିରତେ ଆସିଛି ଦଶହରା
ସଭିଏଁ ଖୁସିରେ ଆତ୍ମହରା ॥
ମା' ଦଶଭୂଜା ହୋଇବେ ପୂଜା
କରିବେ ସମସ୍ତେ ବହୁତ ମଜା ॥
ମହିଷା ନାମେ ଏକ ଅସୁର
ଜୟ କରିଲା ସେ ସରଗପୁର ॥
ମହିଷାସୁରର ପ୍ରକୋପ ଜାଣି
ସରଗେ ପଡ଼ିଲା ବଡ଼ ଭାଳେଣି ॥
ବ୍ରହ୍ମା, ବିଷ୍ଣୁ, ଶିବ ଏକ ହେଲେ
ମହାମାୟାଙ୍କର ସ୍ତୁତି କରିଲେ ॥
ମା' ଦଶଭୂଜା ହେଲେ ପ୍ରକାଶ
ମହିଷା ସୁରକୁ କରିଲେ ନାଶ ॥
ମହିଷ ମର୍ଦ୍ଦିନୀ ମା' ଦଶଭୂଜା
ଦୁର୍ଗା ନାମରେ ସେ ପାଇଲେ ପଜା ॥
ତୁମ ପଦେ ମୋର ଟିକି ମିନତି
ସଭିଙ୍କୁ ଦିଅ ମା' ସୁଖ ଓ ଶାନ୍ତି ॥

*ନନ୍ଦିଗ୍ରାମ, ନାଉଗାଁହାଟ*
*ଜଗତସିଂହପୁର–୭୫୪୧୧୩*

# ହେଲା ଦଶହରା ଛୁଟି ବେଳ

*ନିରଞ୍ଜନ ସାହୁ*

ହେଲା ଦଶହରା ଛୁଟି ବେଳ
ସାଥି ପିଲା ଆମେ ହେବା ମେଳ
କଟାଇବା ଦୁର୍ଗା ପୂଜା
ପୂଜା ମଣ୍ଡପରେ ବିରାଜିତା ହେବେ
ଜୟ ମାତା ଦଶଭୁଜା।

ଶକ୍ତିପୀଠ ଆମେ ବୁଲିଯିବା
ସାଙ୍ଗ ମେଳ ହୋଇ ସର୍ବେ ଥିବା
ମାଆଙ୍କୁ କରିବା ଭକ୍ତି
ଆମରି ଉପରେ ପ୍ରସନ୍ନ ହୋଇବେ
ଦୟାମୟୀ ମହାଶକ୍ତି।

ପୂଜା ମଣ୍ଡପରେ ଭିଡ଼ ଭାରି
ଆମ୍ଭେମାନେ ଯିବା ନାହିଁ ହାରି
ଭିଡ଼ ଠେଲି ଯିବା ମାଡି
ପରସ୍ପର ହାତ ଧରିଥିବା ସର୍ବେ
ଦେବନାହିଁ ଜମା ଛାଡି।

ଦୋକାନବଜାର ପଡ଼ିଥିବ
ଯିଏ ଯାହା କିଣି ନେଇଯିବ
ହାତଖୋଲା ଖର୍ଚ୍ଚ ହେବ
ଘରକୁ ଫେରିଲେ ଭାଇଭଉଣୀଙ୍କୁ
ପୂଜା ଉପହାର ଦେବ।

ଶରତ କାଳୀନ ଏହି ପର୍ବ
ସଭିଙ୍କ ମନରେ ଭରେ ଗର୍ବ
ଖୁସିରେ କାଟିବା ଛୁଟି
ବିଦ୍ୟାଳୟ ଯେବେ ଖୋଲିଯିବ ତେବେ
ଆମେ ପୁଣି ଯିବା ଜୁଟି।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ–୭୫୯୦୧୬*



# ଦଶହରା ଛୁଟି ଆସିଛି ମିତ...

*ରାମଚନ୍ଦ୍ର ବେହେରା*

ଦଶହରା ଛୁଟି ଆସିଛି ମିତ
ବୁଲିଯିବା ଆସ ଦଶରା ଯାତ।
ନୂଆ ପୋଷାକକୁ ପିନ୍ଧି ହରଷେ
ମେଢ ବୁଲିଯିବା ଦିବସ ଶେଷେ।
ମଣ୍ଡପେ ଦେଖିବା ମା' ଦଶଭୁଜା
ଦୀପ ଜାଳି ତାଙ୍କ କରିବା ପୂଜା।
ଜଗତ କଲ୍ୟାଣ କରିବା ପାଇଁ
ଆସିଛନ୍ତି ସିଏ ସ୍ୱର୍ଗରୁ ଧାଇଁ।
ମହିଷାସୁରର ପାପ କାରଣେ
ମାରିଥିଲେ ତାକୁ ଚତୁର ପଣେ।
ସତ୍ୟ ଧର୍ମ ଯିଏ ହୃଦୟେ ପାଳେ
ଦୁର୍ଗା ମାଆଙ୍କର ଆଶିଷ ମିଳେ।
ଆସ ମିଳିମିଶି ନେବା ଶପଥ
ସଦାବେଳେ ଆମେ କହିବା ସତ।
ଦୁଖୀ ଦରିଦ୍ରଙ୍କ କରିବା ସେବା
ପଶୁ ପକ୍ଷୀଙ୍କର ଯତନ ନେବା।
ଆବର୍ଜନା ଯେତେ ଅଛି ଗାଆଁରେ
ସଫେଇ କରିବା ସାଥୀ ମେଳରେ।
ସ୍ୱଚ୍ଛ ନିରିମଳ କରିବା ଗାଆଁ
ଭଲ କାମ କରି ରଖିବା ନାଆଁ।
ଖାଲି ଜାଗା ଦେଖି ପୋତିବା ଚାରା
ତା'ଯତନ ନେବା ବରଷ ସାରା।
ଧର୍ମ କାମ କରି ଛୁଟି କାଟିବା
ଜଗତ ମାତାଙ୍କ କୃପା ଲଭିବା।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ–୭୩୫୫୬୩୪୩୪୬*

# ତୁମ ତୂଳୀରୁ ...



ସ୍ମୃତିରେଖା ବାସ୍କେ, ଶ୍ରେଣୀ– ଚତୁର୍ଥ,
ସରକାରୀ ପ୍ରାଥମିକ ବିଦ୍ୟାଳୟ ଅତାନଟୀ, ଖୁଣ୍ଟା, ମୟୂରଭଞ୍ଜ

# ମୋବାଇଲ ଛାଡ଼ ପଢ଼ ବହି ପଢ଼

*ନୀଳମଣି ଚାନ୍ଦ*



ଖେଳିବା ପାଇଁରେ କେତେ ଖେଳ ଅଛି
ମୋବାଇଲ କିଆଁ ଧର
କେତେ ବହି ଅଛି ପାଠାଗାରଟିରେ
ହାତରେ ଗୋଟେ ନ ଧର।
ଯିଏ ଆଜି ପିଲା ପଢ଼ିବା ତା କାମ
ଏ କଥା ନଯାଉ ଭୁଲି
ସବୁ ଛାଡିଦେଇ ମୋବାଇଲ ଦେଖି
ନଯାଉ ଖୁସିରେ ଫୁଲି।
ପଠନ ଏମିତି ଭଲ ଅଭ୍ୟାସଟି
ଏ କଥା ରଖୁ ସେ ମନେ
ଉତ୍ତମ ଛାତ୍ର ଯେ ପଢ଼ାବହିଟିର
ପାଖ ଛାଡ଼େ ନାହିଁ ଦିନେ।
କେତେ କେତେ ଭାଷା ଭଳି ଭଳି ବହି
ସାହିତ୍ୟ, ବିଜ୍ଞାନ, ଅଙ୍କ
ଭୂଗୋଳ ଓ ସାଧାରଣଜ୍ଞାନ ବହି
ପଢିବାକୁ ହୁଅ ରଙ୍କ।
ମୋବାଇଲ ଗୋଟେ ଏମିତି ଅଭ୍ୟାସ
ଯିଏରେ କରିଛି ଥରେ
ମୁକୁଳି ପାରିନି ତା ଫାଶରୁ ଜମା
ଅଶେଷ କ୍ଷତି ସେ କରେ।
ମୋବାଇଲ ଛାଡ଼ ପଢ଼ ବହି ପଢ଼
ଆସ ଏ ସ୍ଲୋଗାନ୍ ଦେବା
ହେବାରେ ମଙ୍ଗଳ ସମାଜର ହିତ
ଆଜି ଏ ଶପଥ ନେବା।

*ମନ୍ତ୍ର ମାନୋର, ଗୋଠପାଟଣା,*
*ଭୁବନେଶ୍ୱର*
*ମୋ–୯୫୮୩୨୦୨୩୫୭*

# ଶରତର ଶୋଭାରାଜି

*ପ୍ରଶାନ୍ତ କୁମାର ନାୟକ*

ଷଡଋତୁର ପରିବର୍ତ୍ତନ ଘଟିଛି ଏ ମର୍ତ୍ତ୍ୟରେ
ସ୍ୱଚ୍ଛ ଶୁଭ୍ର ଶରତ ବିରାଜିଛି ଏଠାରେ,
ସବୁଜ ପାଟର ପରିଧାନେ ପ୍ରକୃତିରାଣୀ
ସଜବାଜ ହୋଇ ସିଏ ହସିଲାଣି ।।

ନଈପଠା ଧାରେ କାଶତଣ୍ଡୀ ଫୁଲର ସମ୍ଭାର
ନୀଳାକାଶେ ଭାସମାନ ବାଦଲର ଲୁଚକାଳି ଖେଳ,
ପାର୍ବଣର ଚିକିମିକିଆ ଆଲୋକମାଳାରେ
ପଲ୍ଲୀରୁ ସହର ହେଲାଣି ଚଳଚଞ୍ଚଳ ।।

ଚାରିଆଡେ ମା' ମା' ଡାକ ଶୁଭିଲାଣି
ଗଗନ ପବନ ମଧ୍ୟ ପ୍ରକମ୍ପିତ ହେଲାଣି,
ଡେରି ନକରି ମା'ଗୋ ଆସ ଶୀଘ୍ର ଅବତରି
ତବ ଅପେକ୍ଷାରେ ଭକ୍ତସବୁ ବ୍ୟାକୁଳ ହେଲେଣି ।।



ପୂର୍ଣ୍ଣ କର ମନୋବାଞ୍ଛା ସବୁ ଭକ୍ତଙ୍କର
ସୁଖ ଶାନ୍ତି ପୂର୍ଣ୍ଣହେଉ ଏ ସାରା ସଂସାର,
ଅନ୍ନ, ଜଳକଷ୍ଟ ଦୂରହେଉ ଏ ଧରାଧାମରେ
ଭାଇଚାରା ଥାଉ ସଦା ସଭିଙ୍କ ମଧ୍ୟରେ ।।

*ୟୁନିଟ୍–୫, ଭୁବନେଶ୍ୱର*
*ଫୋନ୍– ୮୨୪୯୬୫୦୪୧୪*

# ବାଂଲାଦେଶକୁ ପରାସ୍ତ କରି ଏସିଆ କପ୍ ଫାଇନାଲରେ ଭାରତ



**ଦୁବାଇ**

ଏସିଆ କପ୍-୨୦୨୫ ସୁପର-୪ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରି ଭାରତ ଫାଇନାଲରେ ପହଞ୍ଚିଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବାଂଲାଦେଶ ୧୬୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳ ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଛି। ଫଳରେ ଭାରତ ଏହି ମ୍ୟାଚ୍‌କୁ ୪୧ ରନ୍‌ରେ ବିଜୟ ହାସଲ କରିଛି।

ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନିଜର ସ୍ଥାନ ସୁନିଶ୍ଚିତ କରିଛି। ଏହି ସୁପର-୪ ରାଉଣ୍ଡ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ୧୬୮ ରନ୍ କରିଥିଲା। ଏଥି ସହିତ ବାଂଲାଦେଶକୁ ମାତ୍ର ୧୨୭ ରନ୍‌ରେ ଅଲଆଉଟ୍ କରିଛି। ଟିମ୍ ଇଣ୍ଡିଆ ପାଇଁ ଏହି ବିଜୟ ପାକିସ୍ତାନ ପାଇଁ ମଧ୍ୟ ଆନନ୍ଦ ଆଣିଦେବ। କାରଣ ଫାଇନାଲ୍ ପାଇଁ ସେମାନଙ୍କର ପଥ ସହଜ ହୋଇଯାଇଛି। ଭାରତର ବ୍ୟାଟିଂ ହିରୋ ଅଭିଷେକ ଶର୍ମା ୭୫ ରନ୍‌ର ଏକ ଧମାକାଦାର ଇନିଂସ ଖେଳିଥିଲେ। କୁଲଦୀପ ଯାଦବ ଏବଂ ବରୁଣ ଚକ୍ରବର୍ତ୍ତୀ ବୋଲିଂ ବିଭାଗରେ ଚମକିଥିଲେ।

ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ସୁପର-୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶ୍ରୀଲଙ୍କା ଏହାର ଦୁଇଟି ମ୍ୟାଚ୍ ହାରି ଫାଇନାଲ୍ ଦୌଡ଼ରୁ ବାହାରି ଯାଇଛି। ଟିମ୍ ଇଣ୍ଡିଆ ପାକିସ୍ତାନକୁ ପରାସ୍ତ କରି ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିଛି ଏବଂ ଏବେ ବାଂଲାଦେଶକୁ ପରାସ୍ତ କରିଛି। ଗୁରୁବାର ପାକିସ୍ତାନ ଏବଂ ବାଂଲାଦେଶ ଖେଳିବେ। ଏହି ମ୍ୟାଚ୍‌ର ବିଜେତା ସେପ୍ଟେମ୍ବର ୨୮ ତାରିଖରେ ଫାଇନାଲରେ ଟିମ୍ ଇଣ୍ଡିଆ ସହିତ ମୁକାବିଲା କରିବେ।

୧୬୯ ରନ୍‌ର ଲକ୍ଷ୍ୟ ପିଛା କରି ବାଂଲାଦେଶର ଆରମ୍ଭ ଖରାପ ଥିଲା। ତାନଜିଦ୍ ହାସନଙ୍କୁ ମାତ୍ର ଗୋଟିଏ ରନ୍‌ରେ ହରାଇଥିଲା। ସୈଫ୍ ହାସନ ଗୋଟିଏ ପାର୍ଶ୍ୱରେ ଦୃଢ଼ ଭାବରେ ଛିଡ଼ା ହୋଇଥିଲେ ଏବଂ ଲଢୁଆ ୬୯ ରନ୍ କରିଥିଲେ। ପରଭେଜ୍ ହୋସେନ୍ ଏକମାତ୍ର ବାଂଲାଦେଶୀ ବ୍ୟାଟ୍ସମ୍ୟାନ୍ ଥିଲେ ଯିଏ ଦୁଇ ଅଙ୍କରେ ପହଞ୍ଚିଥିଲେ। ପରଭେଜ୍ ୨୧ ରନ୍ କରିଥିଲେ।

## ଛକା-ଚୌକା ବର୍ଷା କରି ଇତିହାସ ରଚିଲେ ବୈଭବ



**ବ୍ରିସବେନ**

ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ବିପକ୍ଷରେ ଦ୍ୱିତୀୟ ଯୁବ ଦିନିକିଆରେ ବୈଭବ ସୂର୍ଯ୍ୟବଂଶୀ ରେକର୍ଡ ଭାଙ୍ଗି ୭୦ ରନର ଇନିଂସ ଖେଳିଥିଲେ। ଇଂଲଣ୍ଡରେ ପୂର୍ବରୁ ହଲ୍ଲା ସୃଷ୍ଟି କରିଥିବା ଏହି ୧୪ ବର୍ଷୀୟ ବ୍ୟାଟ୍ସମ୍ୟାନ ଏବେ ଅଷ୍ଟ୍ରେଲିଆ ବୋଲରମାନଙ୍କୁ ନିପାତ କରୁଛନ୍ତି। ୬୮ ବଲରୁ ଆସିଥିବା ତାଙ୍କ ୭୦ ରନର ଇନିଂସରେ ବୈଭବ ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ସେ ୬ଟି ଛକା ଏବଂ ୫ଟି ଚୌକା ମାରିଛନ୍ତି। ବ୍ରିସବେନରେ ଖେଳାଯାଉଥିବା ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଭାରତ ୧୯ ବର୍ଷରୁ କମ୍ ଦ୍ୱିତୀୟ ଯୁବ ଦିନିକିଆରେ, ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରର ଦ୍ୱିତୀୟ ବଲରେ ଅଧିନାୟକ ଆୟୁଷ ମହାତ୍ରେ ଶୂନ୍ୟରେ ଆଉଟ ହେବା ପରେ ଭାରତକୁ ଏକ ବଡ଼ ଝଟକା ଲାଗିଥିଲା। ଏହା ପରେ, ଓପନର ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରାଙ୍କ ସହିତ ଦ୍ୱିତୀୟ ୱିକେଟ ପାଇଁ ୧୧୭ ରନର ଭାଗୀଦାରି କରିଥିଲେ। ବୈଭବ ୧୯ତମ ଓଭରର ତୃତୀୟ ବଲରେ କ୍ୟାଚ୍ ଆଉଟ ହୋଇଥିଲେ, ତାଙ୍କ ପ୍ରଭାବଶାଳୀ ଇନିଂସକୁ ଶତକରେ ପରିଣତ କରିପାରି ନ ଥିଲେ। ପ୍ରଥମେ ବ୍ୟାଟିଂ କରି ଭାରତ ୩୦୦ ରନ କରିଥିଲା। ବୈଭବ ସୂର୍ଯ୍ୟବଂଶୀ ଏପର୍ଯ୍ୟନ୍ତ ଯୁବ ଦିନିକିଆରେ ମୋଟ ୪୧ଟି ଛକା ମାରିଛନ୍ତି। ସେ ପୂର୍ବତନ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ ଅଧିନାୟକ ଉନ୍ମୁକ୍ତ ଚାନ୍ଦଙ୍କ ରେକର୍ଡ ଭାଙ୍ଗିଛନ୍ତି। ସେ ବର୍ତ୍ତମାନ ଯୁବ ଦିନିକିଆରେ ସର୍ବାଧିକ ଛକା ମାରିବାର ରେକର୍ଡ ରଖିଛନ୍ତି। ସେ ଅଷ୍ଟ୍ରେଲିଆରେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ, ତାଙ୍କର ପ୍ରଥମ ଯୁବ ଦିନିକିଆରେ ୨୨ ବଲରୁ ୩୮ ରନ କରିଥିଲେ। ଉନ୍ମୁକ୍ତ ଚାନ୍ଦ ୩୮ଟି ଛକା ମାରିଥିଲେ। ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୦ ଇନିଂସରେ ଏହି ସଫଳତା ହାସଲ କରିଥିଲେ। ସୂର୍ଯ୍ୟବଂଶୀ ଯୁବ ଦିନିକିଆରେ ୫୪୦ ରନ କରିଛନ୍ତି, ଯାହା ତାଙ୍କର ରନରେ ୩୬ ପ୍ରତିଶତ କେବଳ ଚୌକାରୁ ଆସିଛି। ଏଥିରେ ୪୧ଟି ଛକା ଅନ୍ତର୍ଭୁକ୍ତ। ବୈଭବ ପୂର୍ବରୁ ଅନେକ ରେକର୍ଡ ଭାଙ୍ଗି ସାରିଛନ୍ତି ଏବଂ ସୃଷ୍ଟି କରିଛନ୍ତି। ସେ ୧୨ ବର୍ଷ ୨୮୪ ଦିନ ବୟସରେ ରଣଜୀ ଟ୍ରଫିରେ ଡେବ୍ୟୁ କରିଥିଲେ, ଟୁର୍ଣ୍ଣାମେଣ୍ଟର ସବୁଠାରୁ କମ ବୟସ୍କ କ୍ରିକେଟର ହୋଇଥିଲେ। ସେ ୫୨ ବଲରେ ଏହାକୁ ପୂରଣ କରି ଦ୍ରୁତତମ ଯୁବ ଦିନିକିଆ ଶତକର ରେକର୍ଡ ରଖିଛନ୍ତି। ୧୪ ବର୍ଷ ବୟସରେ, ବୈଭବ ପୂର୍ବରୁ ବହୁତ କିଛି ହାସଲ କରିସାରିଛନ୍ତି। ସେ ଇଂଲଣ୍ଡରେ ପାଞ୍ଚଟି ଯୁବ ଦିନିକିଆରେ ୩୫୫ ରନ କରିଥିଲେ। ସେ ପୂର୍ବବର୍ତ୍ତୀ ଆଇପିଏଲରେ ଇତିହାସ ରଚିଥିଲେ, ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦ୍ରୁତତମ ଖେଳାଳି ଏବଂ ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ହୋଇଥିଲେ। ତାଙ୍କ ପଛରେ କେବଳ କ୍ରିସ ଗେଲ ଅଛନ୍ତି, ଯିଏ ୩୦ ବଲରେ ଶତକ ହାସଲ କରିଥିଲେ। ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ବୈଭବ ସୂର୍ଯ୍ୟବଂଶୀ ୨୮ ଏପ୍ରିଲ ୨୦୨୫ରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩୫ ବଲରେ ଶତକ ହାସଲ କରିଥିଲେ।

## ଆମେରିକା କ୍ରିକେଟ ବୋର୍ଡର ସଦସ୍ୟତାକୁ ନିଲମ୍ବନ କଲା ଆଇସିସି



**ନୂଆଦିଲ୍ଲୀ**

ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଏସିଆ କପ ୨୦୨୫ର ସୁପର ଫୋରରେ ଖେଳୁଛନ୍ତି। ଟୁର୍ଣ୍ଣାମେଣ୍ଟ ଏବେ ଏହାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସଂସ୍କରଣରେ ପାକିସ୍ତାନ କ୍ରିକେଟ ଦଳ ବିବାଦ ପାଇଁ ଖବରରେ ରହିଛି। ସେମାନେ ଭାରତ ବିପକ୍ଷରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପରେ ମ୍ୟାଚ୍ ରେଫରି ଏବଂ ଅମ୍ପାୟାରଙ୍କ ବିରୋଧରେ ଆଇସିସିରେ ଅଭିଯୋଗ ଦାଖଲ କରିଥିଲେ, ତା'ପରେ ୟୁଏଇ କ୍ରିକେଟ ଦଳ ବିପକ୍ଷରେ ମ୍ୟାଚ୍ ପାଇଁ ଗୋଟିଏ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ସେମାନେ ଭାରତ ବିପକ୍ଷରେ ସୁପର ଫୋର ମ୍ୟାଚ୍‌ରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ, ତା'ପରେ ଅମ୍ପାୟାରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ସମୟରେ, ଆଇସିସି ଏକ କ୍ରିକେଟ ବୋର୍ଡକୁ ନିଲମ୍ବିତ କରିଛି, କିନ୍ତୁ ଏହା ପାକିସ୍ତାନ ନୁହେଁ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତୁରନ୍ତ ପ୍ରଭାବରୁ ଆମେରିକା କ୍ରିକେଟ ବୋର୍ଡର ସଦସ୍ୟତାକୁ ନିଲମ୍ବିତ କରିଛି। ମଙ୍ଗଳବାର, ସେପ୍ଟେମ୍ବର ୨୩ ତାରିଖରେ ଏକ ଭର୍ଚୁଆଲ ବୋର୍ଡ ବୈଠକ ସମୟରେ ବୋର୍ଡ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ତଥାପି, ଆମେରିକା କ୍ରିକେଟ ଦଳ ଏବେ ବି ଆଗାମୀ ବର୍ଷ ଟି୨୦ ବିଶ୍ୱକପରେ ଅଂଶଗ୍ରହଣ କରିପାରିବ।

## ରାଜ୍ୟ ବିଦ୍ୟାଳୟ ସମୂହ ହକି, ତୀରନ୍ଦାଜୀ ପ୍ରତିଯୋଗିତା : ଉଭୟବର୍ଗରେ ସୁନ୍ଦରଗଡ଼ ଚାମ୍ପିଅନ



**ସୁନ୍ଦରଗଡ଼**

ସୁନ୍ଦରଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଭବାନୀପୁର କ୍ରୀଡ଼ା ଏକାଡେମୀ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ହକି ଓ ତୀରନ୍ଦାଜୀ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ, ବାଳିକାବର୍ଗ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୨ଟି ଦଳ ମଧ୍ୟରେ ମ୍ୟାଚ୍ ହୋଇଥିବା ବେଳେ ଉଭୟ ବର୍ଗର ହକି ଓ ତୀରନ୍ଦାଜୀରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଛି। ଉଭୟ କ୍ରୀଡ଼ାରେ ସମ୍ବଲପୁର ଉପବିଜେତା ହୋଇଛି। ଆଜି ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ସମ୍ମାନିତ ଅତିଥି ରୂପେ କ୍ରୀଡ଼ା ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ସେବାନିବୃତ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ଏଡିପିଇ ଜ୍ୟୋତିପ୍ରକାଶ ପରିଡ଼ା, କ୍ରୀଡ଼ା ନିରୀକ୍ଷକ ଜଗବନ୍ଧୁ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ସଭାପତିତ୍ୱ କରିଥିବା ବେଳେ ପ୍ରଧାନଶିକ୍ଷକ ଅଶ୍ୱିନୀ ପଟେଲ ଧନ୍ୟବାଦ ଦେଇଥିଲେ। ଅଜୟ ପ୍ରଧାନଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘର ବୈଠକ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାର ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘର ଏକ ବୈଠକ ସ୍ଥାନୀୟ ଜଇପୁରା ସ୍ଥିତ ଦିବ୍ୟ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସରୋଜ ମେକାପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜଗତସିଂହପୁର ଜିଲ୍ଲା ସାଉଣ୍ଡ ଓ ଲାଇଟ ସଂଘର ସଭାପତି ଶିଶିର କୁମାର ଦାସ, ସାଲେପୁର ସାଉଣ୍ଡ ଓ ଲାଇଟ ସଂଘର ସଭାପତି ମନ୍ମଥ ଦାସ, ଶରତ ଚନ୍ଦ୍ର ସାମଲ, କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ବିଭାଗର ପର୍ବପର୍ବାଣି ଏବଂ ଶୋଭାଯାତ୍ରାର ଅନୁମତି ନେଲାପରେ ମଧ୍ୟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଥାନା ଅଧିକାରୀମାନେ ଏମାନଙ୍କୁ ହଇରାଣ ହରକତ କରିବା ସହିତ ଗାଡ଼ି ଜବତ କରୁଛନ୍ତି। ସଂଘର ପଞ୍ଜିକରଣ କରିବା, ଜିଲ୍ଲାରେ ଥିବା ସମସ୍ତ ସାଉଣ୍ଡ ଓ ଲାଇଟ ସଂଘର ମାଲିକମାନେ ଧାର୍ଯ୍ୟ କରାଯାଇଥିବା ସରାକରୀ ନିୟମକୁ ମାନି ବଜାଇବା, ଅନ୍ୟ କୌଣସି ଜିଲ୍ଲାକୁ କାର୍ଯ୍ୟକ୍ରମ ରେ ସେଠାକାର ସଂଘ ସହିତ ପରାମର୍ଶ କରିବା ଆଦି ସମସ୍ୟା ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରା ଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନସ କୁମାର ନାଥ, ଧିରେନ ସ୍ୱାଇଁ, ଶୁଭକାନ୍ତ ରଥ, ଦିନେଶ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ମହାବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତାରେ ଏଫଏମୟୁ ଉପବିଜେତା




**ବାଲେଶ୍ୱର, ନ୍ୟୁଜ୍**

ଚରମ୍ପା ମହାବିଦ୍ୟାଳୟ, ଭଦ୍ରକରେ ଆୟୋଜିତ ଆନ୍ତଃ-ମହାବିଦ୍ୟାଳୟ ସ୍ତରୀୟ ପୁରୁଷ କବାଡ଼ି ପ୍ରତିଯୋଗିତା ୨୦୨୫-୨୬ରେ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ପି.ଜି. କାଉନ୍ସିଲ୍ ଟିମ୍ ଶୃଙ୍ଖଳାବଦ୍ଧତା ଓ କୌଶଳମୟ ଖେଳ ପ୍ରଦର୍ଶନ କରି ଉପବିଜେତା ସ୍ଥାନ ଅଧିକାର କରିଛନ୍ତି।

ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ପ୍ରତିଷ୍ଠିତ ମହାବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଖେଳାଳିମାନଙ୍କର ମନୋବଳ, ସମ୍ମିଳିତ ଖେଳ ମନୋଭାବ ଓ ଯୋଜନାମୂଳକ ଖେଳ ଦ୍ୱାରା ଫାଇନାଲରେ ଉପବିଜେତା ସ୍ଥାନ ଅଧିକାର କରିଛନ୍ତି ଓ ବାଲିଆପାଳର ଏସ.ଆର ମହାବିଦ୍ୟାଳୟ ଦଳ ବିଜୟୀ ହୋଇଛନ୍ତି।

ଏହି ଅବସରରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡକ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା, ପିଇଓ ଶ୍ରୀ ସଂଗ୍ରାମ ବିଶୋଇଙ୍କ ସହିତ ଆୟୋଜକମାନେ ସମସ୍ତ ଅଂଶଗ୍ରହୀ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏପରି ପ୍ରତିଯୋଗିତାମାନଙ୍କରୁ ଯୁବମାନଙ୍କର ଶାରୀରିକ ସୁସ୍ଥତା, ସମ୍ମିଳିତ ସହଭାଗିତା ଓ ନେତୃତ୍ୱ ଗୁଣର ବିକାଶ ହେବାକୁ ଉଲ୍ଲେଖ କରିଥିଲେ। ଏହି କବାଡ଼ି ପ୍ରତିଯୋଗିତାର ସଫଳ ଆୟୋଜନ ତଥା ବିଜୟୀ ଦଳମାନଙ୍କୁ ଉତ୍ସାହିତ କରିବା ସହିତ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ନିମନ୍ତେ ପ୍ରୋତ୍ସାହନ ଓ ସାମଗ୍ରିକ ଉନ୍ନତିର ପ୍ରୟାସକୁ ସଫଳ କରାଯାଇଛି।

## ଖେଳ ପଡ଼ିଆରୁ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ଦାବି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଖେଳ ପଡ଼ିଆର ଅଭାବ ପ୍ରତ୍ୟେକ ପଞ୍ଚାୟତ ପାଇଁ ଏକ ସମସ୍ୟା ଭାବେ ଦେଖାଯାଉଥିବା ବେଳେ ହାତ ଗଣତି ଥିବା କେତେକ ଖେଳ ପଡ଼ିଆର ସୁରକ୍ଷା ପ୍ରତି ଦୃଷ୍ଟି ନ ରହିବା ପରିତାପର ବିଷୟ ହୋଇଛି। ପୂର୍ବ ୟୁପିଏ ସରକାର ଅମଳରେ ପାଇକା ଯୋଜନା ମାଧ୍ୟମରେ ଏ ଦିଗରେ ଅର୍ଥ ବ୍ୟୟ କରାଯାଇ ଧ୍ୟାନ ଦିଆଯାଇ ଆସୁଥିଲା ବେଳେ ଏବେ ସେ ସବୁ ବନ୍ଦ ହୋଇଯାଇଛି। ଜଳ ପରିମଳ ପାଇଁ ପଞ୍ଚାୟତଗୁଡିକୁ ଯେପରି ଅର୍ଥ ଦିଆଯାଉଛି, ଏନେଇ ଲମ୍ବା ସମୟ ଧରି କୌଣସି ଅର୍ଥ ବ୍ୟବସ୍ଥା ନାହିଁ। ସରସଦା ପଞ୍ଚାୟତର ସ୍କୁଲ ପଛ ପଟେ ଥିବା ବିସ୍ତୀର୍ଣ୍ଣ ଖେଳପଡ଼ିଆ ଏପରି ଅବସ୍ଥାରେ ପଡ଼ିରହିଛି। ଏହାକୁ ମିନି ଷ୍ଟାଡିୟମ ଭାବେ ନିର୍ମାଣ ପାଇଁ ସମସ୍ତ ଯୋଗ୍ୟତା ଥିବା ବେଳେ ଧ୍ୟାନ ତ ଦିଆଯାଇନାହିଁ। ଏପରିକି ପ୍ରତି ବର୍ଷା ଋତୁ ଚାରି ମାସ ଜଳାବର୍ଣ୍ଣ ରହୁଛି ପଡ଼ିଆଟି। ସାହୁ ସାହି, ମାଷ୍ଟାନୀ ସାହି, କୁରିକନା, ନେନ୍ତିପୁର, ଜେନାସାହି, ପଟାପୋଳ ଆଦି ଗାଁ ର ପିଲାମାନେ ଏହି ପଡିଆକୁ ବ୍ୟବହାର କରିନପାରି ମାନସ୍ତାପରେ ରହୁଛନ୍ତି। ଏହି ପଡ଼ିଆର କିଛି ଅଂଶ ତହସିଲ ପକ୍ଷରୁ ସ୍କୁଲକୁ ମଧ୍ୟ ଆବଣ୍ଟନ କାରାଯାଇଛି ଖେଳିବାପାଇଁ। ଏପରି ସ୍ଥଳେ ଖେଳ ପଡ଼ିଆର ଅବସ୍ଥା ବିଷମ ହୋଇ ରହିଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହ ଏହି ସ୍ଥାନ ପରିଦର୍ଶନ କରି ଏହାର ରୂପରେଖ ବଦଳାନ୍ତୁ ବୋଲି ଦାବି ହୋଇଛି।

## ଗ୍ରାମାଞ୍ଚଳରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲ୍ଲାପାଳ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଗାଁରେ ପହଞ୍ଚୁଛି ପ୍ରଶାସନ। ପଞ୍ଚାୟତ ସ୍ତରରେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ସରକାରୀ ବାବୁ। ଜିଲ୍ଲା ସଦର ମହକୁମା ଓ ବ୍ଲକ ସ୍ତରରେ ପରେ ଏବେ ଗ୍ରାମାଞ୍ଚଳରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲ୍ଲାପାଳ, ଏସ୍‌ପିଙ୍କ ଠାରୁ ଆରମ୍ଭ କରି ପୂରା ସରକାରୀ କଳ। ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ। ଧାଡ଼ି ଧାଡ଼ି ହୋଇ ପଞ୍ଚାୟତ କାର୍ଯ୍ୟାଳୟ ମୁହାଁ ହେଉଛନ୍ତି ଲୋକେ। ଆଉ ଅଫିସ ଭିତରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲ୍ଲାପାଳ, ଏସ୍‌ପିଙ୍କ ଠାରୁ ଆରମ୍ଭ କରି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ। ଦୀର୍ଘଦିନ ଧରି ଯେଉଁ ଲୋକଙ୍କ ସମସ୍ୟା ସମାଧାନ ହୋଇନାହିଁ ଘଟଣାସ୍ଥଳରେ ହିଁ ସମାଧାନ ଲାଗି ଉଦ୍ୟମ ଆରମ୍ଭ କରିଛି ମାଲକାନଗିରି ଜିଲ୍ଲା ପ୍ରଶାସନ। ଅଭିଯୋଗ ଶୁଣାଣି ସ୍ଥାନରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ହୋଇଛି। ସ୍ପଟରେ ହିଁ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସରକାରୀ ସୁବିଧା ଦିଆଯାଉଛି। ପୂର୍ବରୁ ଜିଲ୍ଲାପାଳ ପଞ୍ଚାୟତକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ ଲାଗି ନିର୍ଦ୍ଦେଶ ରହିଥିଲା। ଏବେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଅନ୍ୟ ଅଧିକାରୀଙ୍କ ସହ ଅତି ଦୁର୍ଗମ ଅଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟା ସହ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ ମାଓ ସମସ୍ୟା ଲାଗି ଅଧିକାରୀ ଦୁର୍ଗମ ଅଞ୍ଚଳକୁ ଯାଇପାରୁ ନଥିଲେ। ଏବେ ମାଓ ସମସ୍ୟା କମିଥିବାରୁ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ଗ୍ରାଉଣ୍ଡରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

## ଲୁଟ୍ ଓ ଅପହରଣ ମାମଲାରେ ମହିଳା କନେଷ୍ଟବଳ ସମେତ ୩ ଗିରଫ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ବ୍ୟବସାୟୀଙ୍କୁ ଅପହରଣ, ଲୁଟ୍ ମାମଲାରେ ଜଣେ ମହିଳା କନେଷ୍ଟବଳ ସମେତ ୩ ଜଣ ଗିରଫ ହୋଇଛନ୍ତି। ଏହି ମାମଲାରେ କନେଷ୍ଟବଳ ବାସନ୍ତୀ ବିଶ୍ୱାସ ମାଷ୍ଟର ମାଇଣ୍ଡ ହୋଇଥିବାବେଳେ ବାଲିମେଳା ଗାଁର ସୁଲତାନ ସିଂ ଓ ପଶ୍ଚିମବଙ୍ଗ ଜୟରାମପୁର ଗାଁର ରାଜୁ ସେଖ ସହଯୋଗୀ ରହିଥିଲେ। ଅଧିକ ବ୍ୟବସାୟ ଲୋଭ ଦେଖାଇ କର୍ଣାଟକ ଶ୍ରୀରାମପୁର ଥାନା କାଡ଼ପା ରାମଚନ୍ଦ୍ରପୁର ଗାଁର ବ୍ୟବସାୟୀ ରଘୁ ନରସିଂହଙ୍କୁ ଫୋନ୍ ଯୋଗେ ମାଲକାନଗିରି ଜିଲ୍ଲାକୁ ସୁଲତାନ ଓ ରାଜୁ ଡକାଇଥିଲେ। ପୂର୍ବରୁ ମାଲକାନଗିରିର ଶିବା ନାମକ ବ୍ୟକ୍ତିଙ୍କ ସହ ନରସିଂହଙ୍କ ପରିଚୟ ରହିଥିଲା। ନରସିଂହ ମାଲକାନଗିରିରେ ପହଞ୍ଚିବା ପରେ ସୁଲତାନ ଓ ରାଜୁଙ୍କ ସହ ଶିବା ପରିଚୟ କରାଇଥିଲେ। ନରସିଂହଙ୍କୁ ମାଲକାନଗିରିର ଗୋଟିଏ ହୋଟେଲରେ ରଖି ବ୍ୟବସାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ନରସିଂହଙ୍କୁ ଏମଭି୧୭ ଗାଁ ନିକଟ ଜଙ୍ଗଲକୁ ନେଇ ସେଠାରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ତାଙ୍କ ମୋବାଇଲର ପାସୱାର୍ଡ ମାଗି ବ୍ୟାଙ୍କ ଖାତାରୁ ୮୨ ହଜାର ଟଙ୍କା ଲୁଟ୍ କରାଯାଇଥିଲା। ଏଥିସହ ଏକ ହୋଟେଲରେ ଥିବା ସମୟରେ ନରସିଂହଙ୍କ ଠାରୁ ସୁଲତାନ ଓ ରାଜୁ ୩ ଲକ୍ଷ ଟଙ୍କା ନଗଦ ନେଇଥିଲେ। ଏଥିସହ ବାସନ୍ତୀ ଜଣେ ପୁଲିସ ଅଧିକାରୀ ବୋଲି ପରିଚୟ ଦେଇ ସୁଲତାନ, ରାଜୁ ମିଶି ନରସିଂହଙ୍କୁ ଏମ୍.ଭି. ୧୪ ଗ୍ରାମକୁ ନେଇଥିଲେ। ସେଠାରେ ତାଙ୍କୁ ଆଉ ୩ ଲକ୍ଷ ଟଙ୍କା ଯୋଗାଡ଼ କଲେ ମୁକ୍ତି କରାଯିବ ବୋଲି କୁହାଯାଇଥିଲା। ନରସିଂହଙ୍କ କାର୍ ରାସ୍ତା ଉପରେ ଥିବାବେଳେ କିଛି ଗ୍ରାମବାସୀ ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଂଚି ନରସିଂହଙ୍କୁ ଥାନାକୁ ଆଣି ପଚରାଉଚରା ପରେ ପ୍ରକୃତ ଘଟଣା ଜଣାପଡ଼ିଥିଲା। ତଦନ୍ତ ପରେ ସୁଲତାନ, ରାଜୁ ଓ ବାସନ୍ତୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏଥିପୂର୍ବରୁ ବାସନ୍ତୀଙ୍କ ନାମରେ ମାଲକାନଗିରି, ବାଲିମେଳା ଥାନାରେ ମାମଲା ରୁଜୁ ହୋଇଥିଲା। ଏଟିଏମ୍‌ରୁ ଟଙ୍କା ଲୁଟ୍, ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତି ନେଇ ଗିରଫ ହୋଇଥିଲେ।

## ଶବକୁ ମିଳିଲାନି ସମ୍ମାନ
## ବର୍ଷାରେ ଭିଜି ଭିଜି ବାଇକ୍‌ରେ ଗଲା ଶବ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**



ରାଇଘର ବ୍ଲକ୍ କୁନ୍ଦେଇ ପଞ୍ଚାୟତର ସମ୍ବଲପୁର ଗ୍ରାମର ଭାନୁବାଇ ରାଉତ ବୟସ ୭୦ ବର୍ଷ ନିଜ ଝିଅ ଘର ତାରାଙ୍ଗପୁରୀ ଗ୍ରାମକୁ ବୁଲିବାକୁ ଯାଇଥିବା ବେଳେ ବୁଧବାର ସକାଳ ୭ଟାରେ ଭାନୁବାଇଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଭାନୁବାଇଙ୍କ ମୃତ ଶରୀର ଏକ ବାଇକ୍ ଯୋଗେ ବର୍ଷାରେ ଭିଜି ଭିଜି ତାରାଙ୍ଗପୁରୀ ଗ୍ରାମରୁ ସମ୍ବଲପୁର ଗ୍ରାମକୁ ନେଉଥିବାର ଦେଖିବାକୁ ମିଳିଛି। ଉପାନ୍ତ ଅଞ୍ଚଳରେ ଆଜି ଯାଏ ମଧ୍ୟ ସଚେତନାର ଅଭାବ, ଯାହା ଫଳରେ ସରକାର ଏତେ ଟଙ୍କା ଖର୍ଚ୍ଚ କରି ମେଡିକାଲ ସୁବିଧା କରିବା ପରେ ମଧ୍ୟ ମଟର ସାଇକେଲରେ ବୁହା ହେଉଛି ଶବ। ହାଟଭରଣ୍ଡି ଏତେ ବଡ଼ ମେଡିକାଲ ରହି ମଧ୍ୟ ମେଡିକାଲ ସମ୍ମୁଖରୁ ମୃତ ଶରୀର ମଟରସାଇକେଲରେ ବୋହିନେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା ପ୍ରକାଶ ପାଇଛି, ଯାହାକି ଅଞ୍ଚଳ ପାଇଁ ଦୁଃଖର ବିଷୟ।

## ଅଭୟପୁର ପ୍ରାଥମିକ ସେବା ସମବାୟ ସମିତି ଆଗରେ ସାର ପାଇଁ ଚାଷୀଙ୍କ ଭିଡ଼ : ଆବଶ୍ୟକ ମୁତାବକ ମିଳୁନି ସାର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ସାର ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଭୟପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କୁ ସାର ପ୍ରଦାନ କରାଯାଇଥିବା ବେଳେ ସେଠାରେ ଶହ ଶହ ସଂଖ୍ୟାରେ ଚାଷୀ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ସରକାରଙ୍କ ପକ୍ଷରୁ ଅଭୟପୁର ସମବାୟ ସମିତିକୁ ୨ଶହ ପ୍ୟାକେଟ ୟୁରିଆ ସାର ଯୋଗାଇ ଦିଆଯାଇ ଥିବା ବେଳେ ଉକ୍ତ ସାର ନେବାକୁ ସେଠାରେ ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ସେଠାରେ ପହଁଚିଥିଲେ। ସମବାୟ ସମିତି ପକ୍ଷରୁ ଜଣେ ଚାଷୀକୁ ୧ ପ୍ୟାକେଟ ଲେଖାଏଁ ୟୁରିଆ ସାର ଦେବାକୁ ସ୍ଥିର କରିଥିବା ବେଳେ ଅନେକ ଚାଷୀ ସାର ନପାଇ ହତାସ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା। ଫଳରେ ସାର ପାଇନଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ସାର ଦେବାରେ ବାଧା ଉପୁଜିଥିଲା। ସମବାୟ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୟ କୁମାର ସେଠୀ ଚାଷୀମାନଙ୍କୁ ବୁଝାସୁଝା କରି ଦ୍ୱିତୀୟ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ସାର ଆସିଲେ ଦିଆଯିବ ବୋଲି କହିଥିଲେ। ଏବେ ଧାନ ବିଲରେ ପାଣି ଥିବାରୁ ୟୁରିଆ ସାର ପକାଯିବାର ଏହା ଉପଯୁକ୍ତ ସମୟ। ମାତ୍ର କୌଣସି ଦୋକାନ ବଜାରରେ ୟୁରିଆ ସାର ମିଳୁନଥିବାରୁ ଚାଷୀମାନେ ସରକାରୀ ସାର ଉପରେ ନିର୍ଭର କରିଛନ୍ତି। ସରକାରଙ୍କ ତରଫରୁ ଚାଷୀମାନଙ୍କୁ ସମବାୟ ସମିତି ମାଧ୍ୟମରେ ସାର ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିବାରୁ କୌଣସି ଦୋକାନରେ ୟୁରିଆ ସାର ଉପଲବ୍ଧ ହେଉନାହିଁ। ଯାହା ଫଳରେ ଚାଷୀମାନେ ୟୁରିଆ ସାର ନପାଇ ଚାଷ କାର୍ଯ୍ୟ ଆଗେଇ ପାରୁ ନଥିବା କହିଛନ୍ତି। ବିଲରେ ସାର ପକାଇବା ବିଳମ୍ବ ହେଲେ ଫସଲ ହାନି ଘଟିବାର ସମ୍ଭାବନା ଥିବାରୁ ସେମାନେ ଚିନ୍ତାରେ ପଡ଼ିଛନ୍ତି।

## ଲଘୁଚାପ ଜନିତ ବର୍ଷାରେ ବେହାଲ ହେଲା ଉମରକୋଟ୍ ସହର

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**




ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ହେବାର ଦୃଶ୍ୟ ସାମ୍ନାକୁ ଆସିଛି। ତଳି ଅଞ୍ଚଳ ମାନଙ୍କରେ ଘରମାନଙ୍କ ସହ ଦୋକାନ ଗୁଡିକରେ ଭିତରେ ପାଣି ପଶିଛି ଏହାସହ କିଛି ଗାଡ଼ି ପାର୍କିଂ ସ୍ଥାନରେ ପାଣି ପଶି ଗାଡ଼ି ଅଧା ବୁଡ଼ିଯାଇଛି। ଲଗାତାର ବର୍ଷାରେ ଉମରକୋଟ ସହରର ଅବସ୍ଥା ବେହାଲ ହୋଇ ପଡିଛି। ବର୍ଷା ଜଳ ନିଷ୍କାସନ ହୋଇ ପାରି ନଥିବା ଯୋଗୁଁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁ ପରିବାରର ଘର ଭିତରେ ପାଣି ପଶି ଯାଇଛି କିମ୍ବା ଭାଙ୍ଗି ଯାଇଛି ସେମାନଙ୍କୁ ଡିଏନକେ ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପକ୍ଷରେ ଉମରକୋଟ ପୌର ପ୍ରଶାସନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ ବର୍ଷା ପୂର୍ବରୁ ନାଳଗୁଡିକ ସଫା କରାଯାଇଥିଲା କିନ୍ତୁ ଅଧିକ ବର୍ଷା ଯୋଗୁଁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରକାଶ କରିଛନ୍ତି।

ଉମରକୋଟ ସହରରେ ଲଘୁଚାପ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିଛି, ପ୍ରବଳ ବର୍ଷା ଯୋଗୁ ବିଶେଷ କରି ଶିବାଜୀ ନଗର, ଗୁଳିପାଟଣାର ଅକ୍ସଫୋର୍ଡ଼ କଲୋନୀ, ଡିଏନକେରେ ଥିବା ତଳି ଅଞ୍ଚଳମାନଙ୍କର ଘର ଭିତରେ ପାଣି ପଶିବା ଦୃଶ୍ୟ ନଜରକୁ ଆସିଛି। ଲୋକମାନଙ୍କର ଘର ଭିତରେ ପାଣି ପଶିବା ଯୋଗୁ ମୂଲ୍ୟବାନ ଆସବାସ ପତ୍ର ନଷ୍ଟ ହେବା ସହ କିଛି ଦୋକାନ ଘରେ ମଧ୍ୟ ପାଣି ପଶିଛି। ଡିଏନକେ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ପାଣି ପଶିବା ପଶିଯିବା ଯୋଗୁ ତାଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସହର ବାସୀଙ୍କ ଅଭିଯୋଗ ହେଲା ଦୀର୍ଘ ଦିନ ହେଲା ଠିକ୍‌ରେ ନାଳ ନର୍ଦ୍ଦମା ସଫା କରାଯାଉ ନାହିଁ, ମନସୁନ ଆସିବା ପୂର୍ବରୁ ବର୍ଷା ଜଳ ନିଷ୍କାସନ ସକାଶେ ବ୍ୟବସ୍ଥା କରାଯାଉ ନାହିଁ ଯାହା ଫଳରେ ଅଳ୍ପ ବର୍ଷାରେ ମଧ୍ୟ ବର୍ଷା ଜଳ ନାଳରେ ଯିବା ପରିବର୍ତ୍ତେ ରାସ୍ତାରେ ଯାଉଛି ଓ ରାସ୍ତାଗୁଡିକ ନଦୀର ଭ୍ରମ ସୃଷ୍ଟି କରୁଛି। ପୌର ପ୍ରଶାସନର ଖମାଖିଆଲି ମୋନବୃତି ଯୋଗୁଁ ସାଧାରଣ ଜନତା ଅସୁବିଧାରେ ପଡୁଛନ୍ତି।

ଏହି ପାଣି ପଶିବା ଘଟଣା ଉମରକୋଟ ସହରରେ ଚଳିତ ବର୍ଷ ଦ୍ୱିତୀୟ ଥର ହୋଇଛି। ଦୁର୍ବଳ ଡ୍ରେନେଜ୍ ବ୍ୟବସ୍ଥାକୁ ଉମରକୋଟ ସହର ବାସିନ୍ଦା ଦାୟୀ କରିଛନ୍ତି, ମ୍ୟୁନିସିପାଲିଟି ପ୍ରଶାସନ ସଠିକ ସମୟରେ ନାଳଗୁଡ଼ିକ ସଫା କରୁନଥିବା ଯୋଗୁଁ ବର୍ଷା ଜଳ ନିଷ୍କାସିତ ନ ହୋଇପାରି ବନ୍ୟା ପରିସ୍ଥିତି ସୃଷ୍ଟି କରୁଛନ୍ତି, ଏଣୁ ଉମରକୋଟ ବାସିନ୍ଦା ତୁରନ୍ତ ଉମରକୋଟ ଅଞ୍ଚଳର ଥିବା ଡ୍ରେନେଜଗୁଡ଼ିକର ସୁବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଉମରକୋଟ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ ମନସୁନ ପୂର୍ବରୁ ଜଳ ବନ୍ୟା ଜଳ ନିଷ୍କାସନ ସକାଶେ ଜେସିବି ମାଧ୍ୟମରେ ନାଳଗୁଡିକ ଖୋଳାଯାଇଥିଲା ଜଳ ନିଷ୍କାସନରେ କୌଣସି ଅସୁବିଧା ନାହିଁ କିନ୍ତୁ ଲଗାଣ ବର୍ଷା ଯୋଗୁଁ ଏହି ଭଳି ଅସୁବିଧା ହୋଇଛି। ଉମରକୋଟ ସହରରେ ଏହି ଦୃଶ୍ୟ ଆଜିର ନୁହେଁ ଟିକିଏ ଲଗାଣ ବର୍ଷାରେ ଉବୁଟୁବୁ ହୁଏ ସହର, ଅସୁବିଧାରେ ପଡନ୍ତି ସହର ବାସୀ, ଠିକ ସମୟରେ ନାଳ ନର୍ଦ୍ଦମା ସଫା, ଜବର ଦଖଲ ଉଚ୍ଛେଦ ନହେବା ଯୋଗୁଁ ଏହି ଭଳି ପରିସ୍ଥିତି।

ଭୁବନେଶ୍ୱର
୨୫ ସେପ୍ଟେମ୍ବର,
ଗୁରୁବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ରତ୍ନଭଣ୍ଡାରକୁ ରତ୍ନ ସ୍ଥାନାନ୍ତର ପରେ ପତିତପାବନ ବାନାରେ ବସିଲା ଚିଲ, ପଡ଼ିଲା ରକ୍ତ ଛିଟା



ପୁରୀ,୨୪/୯ ନ୍ୟୁଜ ବ୍ୟୁରୋ

ରତ୍ନଭଣ୍ଡାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର ପରେ ଦୁଇଟି ଅଶୁଭ ଲକ୍ଷଣ ଦେଖିବାକୁ ମିଳିଛି । ବୁଧବାର ଦିନ ପ୍ରାୟ ୩ଟାରେ ନୀଳଚକ୍ର ପତିତପାବନ ବାନା ଉପରେ ଏକ ମାଟିଆ ଚିଲ ବସିଥିଲା । ଦିନ ପ୍ରାୟ ୩ଟା ୧୦ ସମୟରେ ଜଗମୋହନରେ ରକ୍ତ ଛିଟା ପଡ଼ିବାରୁ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା । ରତ୍ନଅଳଙ୍କାର ସ୍ଥାନାନ୍ତର କାମରେ ନିୟୋଜିତ ଜଣେ କର୍ମଚାରୀଙ୍କ ଗୋଡ଼ ଉପରେ କୌଣସି ଏକ ଧାରୁଆ ଜିନିଷ ବାଜିବାରୁ ରକ୍ତ ବାହାରିଥିଲା । ଏହି ସମୟରେ ଦ୍ୱିତୀୟ ଭୋଗମଣ୍ଡପ ଉଠି ସାରିଥିଲା । ଶ୍ରୀମନ୍ଦିର ପକ୍ଷରୁ ପାରମ୍ପରିକ ନୀତି ମୁତାବକ ବଡ଼ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା । ଯାହା ସନ୍ଧ୍ୟା ୬ଟା ୨୦ରେ ଶେଷ ହୋଇଥିଲା । ଦ୍ୱିତୀୟ ଭୋଗମଣ୍ଡପ ପୂଜା ଶେଷ ବେଳକୁ ସନ୍ଧ୍ୟା ୬ଟା ୫୫ ହୋଇଥିଲା । ଦ୍ୱିତୀୟ ଭୋଗମଣ୍ଡପରେ ବରାଦି ଅବଢ଼ା ବିଳମ୍ବରେ ବାହାରିବାରୁ ଅନେକ ଅସନ୍ତୋଷ ପ୍ରକାଶ କରିଥିଲେ । ସୂଚନା ମୁତାବକ ରତ୍ନଅଳଙ୍କା ରହିବା ନିମନ୍ତେ ଷ୍ଟ୍ରଙ୍ଗରୁମ୍ ହୋଇଥିବା ଖଟଶେଜ ଘର ମରାମତିରେ ନିୟୋଜିତ ମିସ୍ତ୍ରିଙ୍କ ପାଦ ନଖରେ ହାତୁଡ଼ି ବେଷ୍ଟ ପଡ଼ି ଫାଟି ରକ୍ତ ପଡ଼ିବାରୁ ବଡ଼ ମହାସ୍ନାନ ହୋଇଥିଲା । ମୀନ ରାଶିକୁ ଶନି ଚଳନ କରିଥିବାରୁ ଶ୍ରୀମନ୍ଦିରରେ ଏପରି ଅଶୁଭ ଲକ୍ଷଣ ଦେଖାଯିବା ସହ ବିଶ୍ୱରେ ବିପର୍ଯ୍ୟୟ ଦେଖା ଯାଉଥିବା ଅନେକ ଭକ୍ତ ମତ ଦେଇଛନ୍ତି । ତନ୍ତ୍ରମନ୍ତ୍ର ଶକ୍ତି କାମ କରୁଥିବାରୁ ଶ୍ରୀମନ୍ଦିର ଭିତରକୁ କୁକୁର, ଗୁଧପକ୍ଷୀ, ମାଟିଆ ଚିଲ ପ୍ରଭୃତି ପଶିବା ଆଗରୁ ଦେଖାଯାଏନି । ହେଲେ କିଛି ଦିନ ହେବ ବିଭିନ୍ନ ପ୍ରକାର ବିଲକ୍ଷଣ ନଜର ଆସୁଥିବାରୁ ଶ୍ରଦ୍ଧାଳୁମାନେ ଚିନ୍ତା ପ୍ରକାଶ କରିଛନ୍ତି ।

# ସିଏଜି ରିପୋର୍ଟ : ଆଇଟିଡିଏରେ ୧୪୮.୭୫ କୋଟି ଅପବ୍ୟୟ

ଭୁବନେଶ୍ୱର, ୨୪/୯
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଧାନସଭାରେ ଉପସ୍ଥାପିତ ଏକ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଉଇଏ) ରିପୋର୍ଟରେ ଓଡ଼ିଶାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଦ୍ୱାରା ସରକାରୀ ପାଣ୍ଠି ପରିଚାଳନାରେ ଗୁରୁତର ଆର୍ଥିକ ଅନିୟମିତତା ହୋଇଛି । ବୁଧବାର ବିଧାନିଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଥିବା ସିଏଜି ରିପୋର୍ଟରୁ ଏହି ସୂଚନା ମିଳିଛି । ୧୧ଟି ନମୁନା ଅନୁସାରେ ଆଇଟିଡିଏରେ ୨୦୧୮-୧୯ ରୁ ୨୦୨୨-୨୩ ପର୍ଯ୍ୟନ୍ତ ହୋଇଥିବା ଅଡିଟ୍‌ରେ ଜୁନିଅର ଇଞ୍ଜିନିୟର (ଜେଇ)ଏବଂ ସହକାରୀ ଇଞ୍ଜିନିୟର (ଏଇ)ଙ୍କ ଦ୍ୱାରା ପରିଚାଳିତ ୭୧ ଟି ବ୍ୟାଙ୍କ ଆକାଉଣ୍ଟରୁ ୧୪୮.୭୫ କୋଟି ଟଙ୍କାର ଅପବ୍ୟବହାର କରାଯାଇଥିବାର ଉଲ୍ଲେଖ ହୋଇଛି । ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡ଼ିଛି ଯେ ଏଟିଏମ୍ ଉଠାଣ, ସ୍ୱୟଂ-କରାଯାଇଥିବା ଚେକ୍, ପିଓଏସ୍ ପେମେଣ୍ଟ, ୟୁପିଆଇ ସ୍ଥାନାନ୍ତର, ମୋବାଇଲ୍ ରିଚାର୍ଜ, ବୀମା ପ୍ରିମିୟମ୍ ପେମେଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ / ଷ୍ଟକ୍ ମାର୍କେଟରେ ନିବେଶ - ଏସବୁ ବିଭାଗୀୟ କାର୍ଯ୍ୟ ସହିତ ସମ୍ପର୍କିତ ନୁହେଁ । ଏହି ସମୟ ମଧ୍ୟରେ ୨୦ଟି ଆଇଟିଡିଏକୁ ଆବଣ୍ଟିତ ୧,୭୦୯.୪୭ କୋଟି ମଧ୍ୟରୁ, ନମୁନା ଏଜେନ୍ସି ଗୁଡ଼ିକରେ କେବଳ ୧,୧୯୦.୪୪ କୋଟି (୭୦%) ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ସିଏଜି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ମୋଟ ୧୬୯ଟି ଇନଭଏସ୍‌ରେ ନାମ ନଥିଲା, ୪୪ଟି ଡୁପ୍ଲିକେଟ୍ ଥିଲା, ଯେତେବେଳେ ୨୧ଟି ଜିଏସ୍‌ଟି ପଞ୍ଜିକରଣ ବିନା ଜାରି କରାଯାଇଥିଲା । ଏହା ବ୍ୟତୀତ, ୨୦୦୫ ମସିହାରେ ସମବାୟ ବିଭାଗ ସେମାନଙ୍କର ବିଶେଷାଧିକାର ପ୍ରତ୍ୟାହାର କରିବା ସତ୍ତ୍ୱେ, ଟେଣ୍ଡର ବିନା ସମବାୟ ସମିତିଗୁଡ଼ିକରୁ ୫୪.୨୫ କୋଟି ମୂଲ୍ୟର ସାମଗ୍ରୀ ସଂଗ୍ରହ କରାଯାଇଥିଲା । ପିଏ, ଆଇଟିଡିଏ ପାରଳାଖେମୁଣ୍ଡି କେବଳ ୭୩.୬୦ ଲକ୍ଷର ପ୍ରଶାସନିକ ଅନୁମୋଦନ ବିରୁଦ୍ଧରେ ୩.୭୪ କୋଟି ମୂଲ୍ୟର ବାଦ୍ୟଯନ୍ତ୍ର କିଣିଥିଲେ । ଆର୍ ଏ ବିଲ୍ ଅସଙ୍ଗତି: ୫୪୪ଟି ପରୀକ୍ଷା-ଯାଞ୍ଚ କାର୍ଯ୍ୟରେ, ୨୦.୭୧ କୋଟି ଖର୍ଚ୍ଚ ହୋଇଥିଲା ଯେତେବେଳେ ଭାଉଚରଗୁଡ଼ିକ କେବଳ ୧୭.୩୩ କୋଟିକୁ ସମର୍ଥନ କରିଥିଲା । ସିଏଜି ମଧ୍ୟ ଏସ୍‌ଟି ଏବଂ ଏସ୍‌ସି ବିକାଶ ବିଭାଗକୁ ଅନୁରୋଧ କରିଛନ୍ତି ଯେ: ଆଇଟିଡିଏର ଆର୍ଥିକ ବିବରଣୀର ବାର୍ଷିକ ଅଡିଟ୍ ସୁନିଶ୍ଚିତ କରିବା ପାଇଁ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗକୁ ସିଏଜି ପରାମର୍ଶ ଦେବା ସହ ଜେଇ ଏବଂ ଏଇ ମାନଙ୍କ ଦ୍ୱାରା ଅନିୟମିତ ବ୍ୟାଙ୍କ ଆକାଉଣ୍ଟ କାର୍ଯ୍ୟ ବନ୍ଦ କରିବାକୁ ମଧ୍ୟ ଜଣାଇଛନ୍ତି ।

# କିସ୍ ଛାତ୍ରୀ ଜାମିନୀ ଚୁକୁଟିଆ ଭୁଞ୍ଜିଆ ଜନଜାତିର ପ୍ରଥମ ରିସର୍ଚ୍ଚ ସ୍କଲାର୍




ଭୁବନେଶ୍ୱର, ୨୪।୯
ନ୍ୟୁଜ ବ୍ୟୁରୋ

କିସ୍ ଏକ ବିଶ୍ୱବିଦ୍ୟାଳୟ ହୋଇପାରିଥିବାରୁ ଜନଜାତି ତଥା ଦୁର୍ବଳ ଜନଜାତି ବର୍ଗର ବହୁ ଜନଜାତି ଛାତ୍ରଛାତ୍ରୀ ଉପକୃତ ହୋଇପାରୁଛନ୍ତି । ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କିସ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଜାମିନୀ ଝାଙ୍କର । ସେ ଚକୁଟିଆ ଭୁଞ୍ଜିଆ ଜନଜାତି ସମ୍ପ୍ରଦାୟର ପ୍ରଥମ ରିସର୍ଚ୍ଚ ସ୍କଲାର ହେବାର ଗୌରବ ଅର୍ଜନ କରିଛନ୍ତି । ଜାମିନୀ କିସ୍ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର ଭାବେ ଯୋଗ ଦେଇଥିଲେ । କିସ୍ ବିଶ୍ୱବିଦ୍ୟାଳୟରୁ ସେ ତାଙ୍କର ଗବେଷଣା ସଫଳତାର ସହ ଶେଷ କରି ପିଏଚଡ଼ି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଜାମିନୀ ହେଉଛନ୍ତି ଚକୁଟିଆ ଭୁଞ୍ଜିଆ ଜନଜାତିର ପ୍ରଥମ ରିସର୍ଚ୍ଚ ସ୍କଲାର । ସେ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ । ବାପା ବିଜୟ ଝାଙ୍କର ଓ ମାଆ ବୈଦେହୀଙ୍କ ଶିକ୍ଷା ପ୍ରତି ସଚେତନତା ଯୋଗୁଁ ଜାମିନୀଙ୍କ ସହ ଅନ୍ୟ ୬ ଭଉଣୀ ମଧ୍ୟ ଏବେ ଶିକ୍ଷାରତ । ଜାମିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି । ବୁଧବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଜାମିନୀ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଶୀର୍ବାଦ ନେଇଥିଲେ । ଡ. ସାମନ୍ତ ଜାମିନୀଙ୍କ ସଫଳତାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ନୂଆପଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଘେରା ଏକ ଦୁର୍ଗମ ଗାଁ ସାନବାହାଲିର ଝିଅ ଜାମିନୀ ଜନଜାତି ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । କିସ୍ ହେଉଛି ବିଶ୍ୱର ସର୍ବବୃହତ ଜନଜାତି ଅନୁଷ୍ଠାନ । କିସ୍ ହେଉଛି ଏକ ବିଦ୍ୟାଳୟ, ଏକ ମହାବିଦ୍ୟାଳୟ ଓ ଏକ ବିଶ୍ୱବିଦ୍ୟାଳୟ । କିସ୍‌ରେ ପାଠପଢି ବହୁ ଗରିବ ଜନଜାତି ଛାତ୍ରଛାତ୍ରୀ ଆଜି ଡ଼ାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ଓଏଏସ ଓ ଓଜେଏସ୍ ହୋଇପାରିଥିବା ବେଳେ ଅନେକ ଛାତ୍ରଛାତ୍ରୀ ଆଇଆଇଟି, ଏନଆଇଟି, ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି । ଶିକ୍ଷା ବ୍ୟତିରେକ କିସ୍‌ର ଛାତ୍ରଛାତ୍ରୀମାନେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣି ଦେଉଛନ୍ତି । ଜାମିନୀ ନିଜ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି । ଏହା ସହ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ଗାଇଡ୍ ଡ. ରଶ୍ମି ମହାପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ।

# ନାଲ୍‌କୋ-ଇଡ୍‌କୋ ଅନୁଗୋଳ ଆଲୁମିନିୟମ ପାର୍କ: ଆଲୁମିନିୟମର ହବ୍ ପାଲଟିବ

ଭୁବନେଶ୍ୱର, ୨୪/୦୯
ନ୍ୟୁଜ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)ଏବଂ ଓଡ଼ିଶା ସରକାରଙ୍କ ଇଡ୍‌କୋର ମିଳିତ ସହଯୋଗରେ ଭୁବନେଶ୍ୱର ଠାରେ ଅନୁଗୋଳ ଆଲୁମିନିୟମ ପାର୍କ ସମ୍ପର୍କିତ ରୋଡ଼ ସୋ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଅଧିକାରୀ, ଶିଳ୍ପ ନେତା, ନିବେଶକ ଏବଂ ପ୍ରମୁଖ ଅଂଶୀଦାରମାନେ ଏକତ୍ରିତ ହୋଇଥିଲେ । ଓଡ଼ିଶାର ଅନୁଗୋଳଠାରେ 'ଅନୁଗୋଳ ଆଲୁମିନିୟମ ପାର୍କ' ହେଉଛି ନାଲ୍‌କୋ ଏବଂ ଇଡ଼କୋ ମଧ୍ୟରେ ଏକ ମିଳିତ ଉଦ୍ୟମ । ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା, ମୁଖ୍ୟ ଅତିଥି ଭାବେ ନାଲ୍‌କୋ ସିଏମଡି ବିଜେନ୍ଦ୍ର ପ୍ରତାପ ସିଂହଙ୍କ ସହ ଯୋଗ ଦେଇଥିଲେ । ଏଥିସହ, ଟାଟା ଷ୍ଟିଲ୍ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସଇଜେଡ)ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ ଏବଂ ନାଲ୍‌କୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା ମଧ୍ୟ ଅନ୍ୟାନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଜ ଅଭିଭାଷଣରେ ଶ୍ରୀ ସିଂହ ଆଲୋକପାତ କହିଥିଲେ ଯେ, ଅନୁଗୋଳ



ଆଲୁମିନିୟମ ପାର୍କ ଉନ୍ନତ ସଡ଼କ ସଂଯୋଗ, ଦକ୍ଷ ପରିବହନ, ନିରବଚ୍ଛିନ୍ନ ବିଦ୍ୟୁତ୍ ଏବଂ ଜଳ ଯୋଗାଣ, ପ୍ରଶାସନିକ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର ଏବଂ ପ୍ରୟୋଗଶାଳା ସମେତ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବ । ସେ ଏହା ମଧ୍ୟ କହିଥିଲେ ଯେ, ନାଲ୍‌କୋ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ରିହାତି ଦରରେ ବାର୍ଷିକ ୫୦,୦୦୦ ଟନ୍ ତରଳ ଧାତୁ ଯୋଗାଇବ, ଯାହା ମୂଲ୍ୟ-ପ୍ରଭାବଶାଳୀ ଉତ୍ପାଦନ ଏବଂ ମଧ୍ୟମ ଏବଂ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହିତ କରିବ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା ଓଡ଼ିଶାର ଆଲୁମିନିୟମ ଶକ୍ତି ଉପରେ ଆଲୋକପାତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ରାଜ୍ୟ ଭାରତର ପ୍ରାଥମିକ ଆଲୁମିନିୟମର ୭୨ ଭାଗ ଉତ୍ପାଦନ କରୁଥିବା ବେଳେ, ଏହାର ଡାଉନଷ୍ଟ୍ରିମ୍ ଆଉଟପୁଟ୍ କମ୍ ରହିଛି, ଯାହା ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି କରିଛି । ସେ ଆଲୁମିନିୟମକୁ 'ଭବିଷ୍ୟତର ଧାତୁ' ବୋଲି କହିଥିଲେ ଯାହା ପ୍ୟାକେଜିଂ, ଇଭି ଏବଂ ଏରୋସ୍ପେସରେ ପ୍ରୟୋଗ ହୋଇଥାଏ । ସେ ଆଲୁମିନିୟମ ପାର୍କକୁ ଏକ ପ୍ରମୁଖ ଅଭିବୃଦ୍ଧି ସୁଯୋଗ ଭାବରେ ବର୍ଣ୍ଣନା କରିଥିଲେ ଯାହା ଦ୍ରୁତ ଗତିରେ ବିସ୍ତାର ହେବାକୁ ଯାଉଛି । ସେ ନିବେଶକମାନଙ୍କୁ ଅନୁଗୋଳ ଆଲୁମିନିୟମ ପାର୍କର ସମ୍ଭାବନା ଗୁଡିକୁ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ । ଏହି ଶିଳ୍ପ ପାର୍କ ୨୨୩ ଏକର ପରିମିତ ଏବଂ ୬୦୦ ଏକରରୁ ଅଧିକ ଜମିରେ ବିସ୍ତାର କରିବାକୁ ଯାଉଛି । ନାଲ୍‌କୋ ଏବଂ ପ୍ରମୁଖ ଶିଳ୍ପ କେନ୍ଦ୍ର ନିକଟତର ହୋଇଥିବା ହେତୁ ଏହା ପୂର୍ବରୁ ତିନୋଟି ଶିଳ୍ପକୁ ଆକର୍ଷିତ କରିସାରିଛି ଏବଂ ଆଉ ଚାରୋଟି ପାଇପଲାଇନରେ ଅଛନ୍ତି ବୋଲି ସେ କହିଛନ୍ତି । ସେ ଜିଏସଟି ହାରରେ ହ୍ରାସ, ନିବେଶକ-ଅନୁକୂଳ ନୀତି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍ୟୋଗୀମାନଙ୍କ ପାଇଁ ସକ୍ରିୟ ସମର୍ଥନ ଭଳି ପଦକ୍ଷେପର ପ୍ରଶଂସା ମଧ୍ୟ କରିଥିଲେ । ଶ୍ରୀ ଶର୍ମା । ଓଡ଼ିଶାର ପ୍ରଗତିଶୀଳ ଶିଳ୍ପ ନୀତି ଅଧୀନରେ ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ଶିଳ୍ପକୁ ପ୍ରୋତ୍ସାହିତ କରିବାର ପ୍ରତିବଦ୍ଧତାକୁ ଦୃଢ଼ ସମର୍ଥନ କରିଥିଲେ । ଏହି ଅବସରରେ, ଟାଟା ଷ୍ଟିଲ୍ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସ ଇ ଜେଡ)ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ ଗୋପାଳପୁର ଶିଳ୍ପ ପାର୍କର ସଫଳତାର କାହାଣୀ ବର୍ଣ୍ଣନା କରିବା ସହ ଏହାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ବର୍ତ୍ତମାନ, ଏହି ଶିଳ୍ପ ପାର୍କ ମଧ୍ୟରେ ରାସାୟନିକ ପଦାର୍ଥ, ସୌର ସେଲ୍ ଏବଂ ସବୁଜ ହାଇଡ୍ରୋଜେନ୍ ଭଳି କ୍ଷେତ୍ରର ୧୪ଟି ପ୍ରମୁଖ ଶିଳ୍ପ କାର୍ଯ୍ୟ କରୁଛନ୍ତି । ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଉପରେ ଆଲୋକପାତ କରି ସେ ଅନୁଗୁଳ ଆଲୁମିନିୟମ ପାର୍କ ପ୍ରାଇଭେଟ୍ ଲିମିଟେଡ୍‌ର ଭବିଷ୍ୟତ ପ୍ରତି ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ । ଏହାକୁ ଗୋପାଳପୁରର ସଫଳତା ସହିତ ସମକକ୍ଷ ହେବା ପାଇଁ ଏବଂ ସମ୍ଭାବ୍ୟ ଭାବରେ ଅତିକ୍ରମ କରିବା ପାଇଁ ଏକ ପ୍ରତିଶ୍ରୁତିବଦ୍ଧ ଉଦ୍ୟମ ବୋଲି କହିଥିଲେ । ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନା କରିବା ଅବସରରେ, ନାଲ୍‌କୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଅରୋରା କହିଥିଲେ ଯେ, ଏହି ରୋଡ୍ ସୋ ଓଡ଼ିଶାର ଶିଳ୍ପ ଦୃଷ୍ଟିକୋଣ, ଅନୁଗୋଳ ଆଲୁମିନିୟମ ପାର୍କରେ ନିବେଶ, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରି ଏକ ସକ୍ରିୟ ଶିଳ୍ପ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ନିମନ୍ତେ ନାଲ୍‌କୋର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି । ଏହି କାର୍ଯ୍ୟକ୍ରମରେ ଇପିକଲ, ନାଲ୍‌କୋ, ଏବଂ ଯେଏନଏଆରଡିଡିସି, ଓଡ଼ିଶାର ନିବେଶକ-ଅନୁକୂଳ ନୀତି, ଶିଳ୍ପ ପାର୍କ ଭିତ୍ତିଭୂମିରେ ଉନ୍ନତି ଏବଂ ଆଲୁମିନିୟମ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ସୁଯୋଗଗୁଡ଼ିକୁ ଉପସ୍ଥାପନ କରିଥିଲେ । ଏହି ସମାବେଶରେ ପ୍ରମୁଖ ନିବେଶକ, ଉଦ୍ୟୋଗୀ ଏବଂ ଶିଳ୍ପ ସଂଘ ସମେତ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ ।

## ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ କ୍ଷେତ୍ରକୁ ପୁନର୍ଜୀବିତ କରିବା ପାଇଁ

# ୬୯,୭୨୫ କୋଟି ଟଙ୍କାର ପ୍ୟାକେଜ୍‌କୁ କ୍ୟାବିନେଟ୍‌ର ମଞ୍ଜୁରୀ

ନୂଆଦିଲ୍ଲୀ, ୨୪/୯

ସାମୁଦ୍ରିକ କ୍ଷେତ୍ରର ସାମାଜିକ ଏବଂ ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମକୁ ପୁନର୍ଜୀବିତ କରିବା ପାଇଁ ୬୯,୭୨୫ କୋଟି ଟଙ୍କାର ଏକ ବ୍ୟାପକ ପ୍ୟାକେଜକୁ ଅନୁମୋଦନ କରିଛନ୍ତି । ଏହି ପ୍ୟାକେଜ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଆର୍ଥିକ ସହାୟତା ଉନ୍ନତ କରିବା, ସବୁଜ କ୍ଷେତ୍ର ଏବଂ ବ୍ୟାପକ-ଆଧାରିତ ଜାହାଜୟାଡର ବିକାଶକୁ ପ୍ରୋତ୍ସାହିତ କରିବା, ବୈଷୟିକ କ୍ଷମତା ଏବଂ ଦକ୍ଷତା ବୃଦ୍ଧି କରିବା ଏବଂ ଏକ ଦୃଢ଼ ସାମୁଦ୍ରିକ ଭିତ୍ତିଭୂମି ନିର୍ମାଣ ପାଇଁ ଆଇନଗତ, ଟିକସ ଓ ନୀତିଗତ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଏକ ବ୍ୟାପକ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ । ଏହି ପ୍ୟାକେଜ ଅଧୀନରେ, ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନା ୨୪,୭୩୬ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ୩୧ ମାର୍ଚ୍ଚ, ୨୦୩୬ ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ଏହି ଯୋଜନା ଭାରତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି ଏବଂ ଏଥିରେ ୪,୦୦୧ କୋଟି ଟଙ୍କାର ଆବଣ୍ଟନ ସହିତ ଏକ ଜାହାଜ ଭାଙ୍ଗିବା କ୍ରେଡିଟ୍ ନୋଟ୍ ଅନ୍ତର୍ଭୁକ୍ତ ରହିଛି । ସମସ୍ତ ପଦକ୍ଷେପର କାର୍ଯ୍ୟାନ୍ୱୟନ ତଦାରଖ କରିବା ପାଇଁ ଏକ ଜାତୀୟ ଜାହାଜ ନିର୍ମାଣ ମିଶନ ମଧ୍ୟ ପ୍ରତିଷ୍ଠା କରାଯିବ । ଏହା ସହିତ ଏହି କ୍ଷେତ୍ର ପାଇଁ ଦୀର୍ଘକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ୨୫,୦୦୦ କୋଟି ଟଙ୍କାର ଏକ ସାମୁଦ୍ରିକ ବିକାଶ ପାଣ୍ଠିକୁ ଅନୁମୋଦନ କରାଯାଇଛି । ଏଥିରେ ଭାରତ ସରକାରଙ୍କ ଦ୍ୱାରା ୨୦,୦୦୦ କୋଟି ଟଙ୍କାର ସାମୁଦ୍ରିକ ନିବେଶ ପାଣ୍ଠିରେ ୪୯ ପ୍ରତିଶତ ଅବଦାନ ଏବଂ ଋଣର ପ୍ରଭାବୀ ମୂଲ୍ୟ ହ୍ରାସ କରିବା ଏବଂ ଯୋଜନାର ବ୍ୟାଙ୍କିଂଯତାକୁ ଉନ୍ନତ କରିବା ପାଇଁ ୫,୦୦୦ କୋଟି ଟଙ୍କାର ସୁଧ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ । ଏହା ସହିତ ୯,୯୮୯ କୋଟି ଟଙ୍କାର ବଜେଟ୍ ବ୍ୟୟ ସହିତ ଜାହାଜ ନିର୍ମାଣ ବିକାଶ ଯୋଜନା, ଘରୋଇ ଜାହାଜ ନିର୍ମାଣ କ୍ଷମତାକୁ ବାର୍ଷିକ ୪.୫ ନିୟୁତ ମୋଟ ଟନେଜକୁ ବୃଦ୍ଧି କରିବା, ମେଗା ଜାହାଜ ନିର୍ମାଣ କ୍ଲଷ୍ଟର ଗୁଡ଼ିକୁ ସହାୟତା ପ୍ରଦାନ କରିବା, ଭିତ୍ତିଭୂମି ବିସ୍ତାର କରିବା, ଭାରତୀୟ ସାମୁଦ୍ରିକ ବିଶ୍ୱବିଦ୍ୟାଳୟ ଅଧୀନରେ ଭାରତୀୟ ଜାହାଜ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ସ୍ଥାପନ କରିବା ଏବଂ ଜାହାଜ ନିର୍ମାଣ ପ୍ରକଳ୍ପ ପାଇଁ ବୀମା ସହାୟତା ସମେତ ବିପଦ କଭରେଜ୍ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି । ଏହି ବ୍ୟାପକ ପ୍ୟାକେଜ



ଦ୍ୱାରା ଭାରତର ସାମୁଦ୍ରିକ କ୍ଷେତ୍ରରେ ୪.୫ ନିୟୁତ ମୋଟ ଟନ୍ ଜାହାଜ ନିର୍ମାଣ କ୍ଷମତା ବିକଶିତ ହେବ, ପ୍ରାୟ ୩ ନିୟୁତ ନିଯୁକ୍ତି ସୃଷ୍ଟି ହେବ ଏବଂ ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କାର ନିବେଶ ଆକର୍ଷିତ ହେବ ବୋଲି ଆଶା କରାଯାଉଛି ।

ଏହାର ଆର୍ଥିକ ପ୍ରଭାବ ବ୍ୟତୀତ, ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ଏବଂ ସମୁଦ୍ର ପଥକୁ ଉନ୍ନତ କରି ଜାତୀୟ ଶକ୍ତି ଏବଂ ଖାଦ୍ୟ ସୁରକ୍ଷାକୁ ମଧ୍ୟ ସୁଦୃଢ଼ କରିବ । ଏହା ଭାରତର ଭୂରାଜନୈତିକ ସ୍ଥିତି ଏବଂ ରଣନୈତିକ ଆତ୍ମନିର୍ଭରଶୀଳତାକୁ ମଧ୍ୟ ସୁଦୃଢ଼ କରିବ, ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବ ଏବଂ ଭାରତକୁ ବିଶ୍ୱ ପରିବହନ ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ ଏକ ପ୍ରତିଯୋଗିତାମୂଳକ ଶକ୍ତି ଭାବରେ ପ୍ରତିଷ୍ଠା କରିବ ।

# ବାରମ୍ବାର ଶୁଣାଣି ପାଇଁ ଦାବି କରୁଥିବା ଓକିଲଙ୍କୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ପ୍ରଶ୍ନ





ନୂଆଦିଲ୍ଲୀ,୨୪।୯

କ'ଣ କେହି ଜଣେ ବିଚାରପତିଙ୍କ ଅବସ୍ଥା ଜାଣନ୍ତି କି ନାହିଁ, ସେମାନେ କେତେ ଘଣ୍ଟା କାମ କରନ୍ତି ଏବଂ କେତେ ଘଣ୍ଟା ଶୋଇଥାନ୍ତି ? ବୁଧବାର ଏକ ଜରୁରୀ ତାଲିକାଭୁକ୍ତ ଆବେଦନର ଶୁଣାଣି ସମୟରେ ଏଭଳି କିଛି କହିଛନ୍ତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ । ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଆଡଭୋକେଟ୍ ଶୋଭା ଗୁପ୍ତା ଖଣ୍ଡପୀଠକୁ ସୂଚନା ଦେଇଥିଲେ ଯେ ରାଜସ୍ଥାନରେ ଏକ ଆବାସିକ ଘର ବୁଧବାର ନିଲାମ ହେବ, ତେଣୁ ମାମଲା ଆଜି ତାଲିକାଭୁକ୍ତ କରିବାକୁ ପଡିବ । ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ସହିତ ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ ଏନ. କୋଟିଶ୍ୱର ସିଂହ ଥିଲେ । ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଯେଉଁ ପର୍ଯ୍ୟନ୍ତ କାହାକୁ ଫାଶୀ ଦିଆଯାଉନାହିଁ, ମୁଁ କୌଣସି ମଧ୍ୟ ମାମଲାକୁ ସେହି ଦିନ ସୂଚୀବଦ୍ଧ କରିବିନି । ଆପଣମାନେ ବିଚାରପତିଙ୍କ ଅବସ୍ଥା ବୁଝୁ ନାହାଁନ୍ତି । ଆପଣ କ'ଣ ଜାଣନ୍ତି ଯେ ସେମାନେ କେତେ ଘଣ୍ଟା କାମ କରନ୍ତି ଏବଂ କେତେ ଘଣ୍ଟା ଶୋଇଥାନ୍ତି ?' ଯଦି କାହାର ସ୍ୱାଧୀନତା ବିପଦରେ ନ ଥାଏ, ତେବେ ଆମେ ସେହି ଦିନ ଏହାକୁ ତାଲିକାଭୁକ୍ତ କରିବୁ ନାହିଁ ।' ଆଡଭୋକେଟ୍ ଶୋଭା ଗୁପ୍ତାଙ୍କ ବାରମ୍ବାର ଅନୁରୋଧ ପରେ, ଜଷ୍ଟିସ ସୂର୍ଯ୍ୟକାନ୍ତ ପଚାରିଥିଲେ ନିଲାମ ନୋଟିସ୍ କେବେ ଜାରି କରାଯାଇଥିଲା । ସେ ଉତ୍ତର ଦେଇଥିଲେ ଯେ ନିଲାମ ନୋଟିସ୍ ଗତ ସପ୍ତାହରେ ଜାରି କରାଯାଇଥିଲା ଏବଂ ବକେୟା ରାଶି ରୂପରେ ଏକ ନିର୍ଦ୍ଦିଷ୍ଟ ପରିମାଣ ପୂର୍ବରୁ ପ୍ରଦାନ କରାଯାଇଛି । ବିଚାରପତି ସୂର୍ଯ୍ୟକାନ୍ତ ଆଡଭୋକେଟ୍ ଶୋଭା ଗୁପ୍ତାଙ୍କୁ କହିଥିଲେ ଯେ ଆଗାମୀ କିଛି ମାସ ପାଇଁ ଏହି ମାମଲା ଶୁଣାଣି ହେବ ବୋଲି ଆଶା କରନ୍ତୁ ନାହିଁ । ତଥାପି ପରେ ସେ କୋର୍ଟ ମାଷ୍ଟରଙ୍କୁ ଶୁକ୍ରବାର ଦିନ ମାମଲା ତାଲିକାଭୁକ୍ତ କରିବାକୁ କହିଥିଲେ । ଉଲ୍ଲେଖନୀୟ ଯେ, ଭାରତର ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗଭଇ ସାଧାରଣତଃ ଏପରି ମାମଲା ଶୁଣନ୍ତି । ସେ ପାଞ୍ଚ ଜଣିଆ ସମ୍ବିଧାନିକ ବେଞ୍ଚରେ ବସିଥାନ୍ତି । ପ୍ରକ୍ରିୟା ଅନୁଯାୟୀ, ଯଦି ଏକ ସମ୍ବିଧାନିକ ବେଞ୍ଚର ଜଣେ ବିଚାରପତି ବ୍ୟସ୍ତ କିମ୍ବା ଅସୁସ୍ଥ ଥାଆନ୍ତି, ତେବେ ତାଲିକାଭୁକ୍ତ ହେବା ସମୟରେ ଦ୍ୱିତୀୟ ସର୍ବୋଚ୍ଚ ବରିଷ୍ଠ ବିଚାରପତି ମାମଲାଗୁଡ଼ିକର ଶୁଣାଣି କରନ୍ତି ।

# ଦେଢ଼ କୋଟିର ବାଣ ଜବତ

ଅନୁଗୁଳ,୨୪/୦୯ ନ୍ୟୁଜ ବ୍ୟୁରୋ

ବେଆଇନ୍ ବାଣ ବିରୁଦ୍ଧରେ ଅନୁଗୁଳ ପୁଲିସ୍‌ର ବଡ଼ ଆକ୍ସନ୍ । ବେଆଇନ୍ କାରବାର ରୋକିବାକୁ ପୁଲିସ୍ ଚଳାଇଛି ଅପରେସନ୍ ଅଗ୍ନି । ଗତ ଦୁଇ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ଜୋରଦାର ଚଢ଼ଉ କରି ଜବତ କରାଯାଇଛି ୫ ହଜାର ୭୧୦ କିଲୋ ବାଣ । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ । ଏ ସଂକ୍ରାନ୍ତରେ ମୋଟ୍ ୧୫ଟି ମାମଲା ରୁଜୁ କରିବା ସହିତ ବନ୍ଧା ହୋଇଛନ୍ତି ୧୩ ଅଭିଯୁକ୍ତ । ୨ ଜଣଙ୍କୁ ନୋଟିସ୍ ଦେଇ ଛଡାଯାଇଛି । ଏହି ଅପରେସନ୍ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ରାହୁଲ୍ ଜୈନ୍ ।

## ବଂଶୀଧର-ଇଲାପଣ୍ଡା ଫାଉଣ୍ଡେସନ୍ ଏବଂ ଫିକି ସହଭାଗିତାରେ ଆୟୋଜିତ ଆଇଡିଏଟ୍-୨୦୨୫

# ମାର୍ଜିନ୍‌ଟୁ ମେନଷ୍ଟ୍ରିମ୍: ଏମ୍ପାୱାରିଂ ଟୁ ଲେଡ୍' ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, ୨୪/୦୯

ବଂଶୀଧର-ଇଲାପଣ୍ଡା ଫାଉଣ୍ଡେସନ୍ (ବି ଆଇ ପି ଏଫ୍), ଫିକୀ ସହଭାଗୀତାରେ, ନୂଆଦିଲ୍ଲୀ ଫିକୀ କମିଶନ ହଲ୍‌ରେ ଏହାର ବାର୍ଷିକ ପ୍ରମୁଖ ସମ୍ମିଳନୀର ୧୪ତମ ସଂସ୍କରଣ 'ଆଇଡିଏଟ୍-୨୦୨୫' ସଫଳତାର ସହିତ ସମାପ୍ତ କରିଛି । ଏହି ବର୍ଷର ବିଷୟବସ୍ତୁ, 'ମାର୍ଜିନ୍ ଟୁ ମେନଷ୍ଟ୍ରିମ୍: ଏମ୍ପାୱାରିଂ ଟୁ ଲେଡ୍', ମହିଳା ନେତୃତ୍ୱ ପ୍ରତି ସ୍ଥାୟୀ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ପ୍ରତ୍ୟେକ ସ୍ତରରେ ଆତ୍ମବିଶ୍ୱାସ ଏବଂ ପ୍ରଭାବ ସହିତ ନେତୃତ୍ୱ ନେବା ପାଇଁ ମହିଳାମାନଙ୍କୁ ସଶକ୍ତ କରୁଥିବା ପରିବର୍ତ୍ତନକାରୀ ରଣନୀତି ଅନୁସନ୍ଧାନ କରିବା ପାଇଁ ବିଭିନ୍ନ ବର୍ଗର ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ନେତାମାନଙ୍କୁ ଏକତ୍ରିତ କରିଛି । ସ୍ୱତନ୍ତ୍ର ଭାଷଣ ପ୍ରଦାନ କରି, ଏଚ୍. ଟି. ମିଡିଆ ଲିମିଟେଡର ଅଧ୍ୟକ୍ଷା ଏବଂ ସମ୍ପାଦକୀୟ ନିର୍ଦ୍ଦେଶକ ପଦ୍ମଶ୍ରୀ ଶୋଭନା ଭାରତିଆ, 'ମହିଳାମାନଙ୍କୁ ସଶକ୍ତ କରିବା ଦାନ ନୁହେଁ' ଏହା ଏକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଭାରତର ଜନସଂଖ୍ୟାର ଅଧା ମହିଳା ତଥାପି ନିଷ୍ପତ୍ତି ଗ୍ରହଣରେ ସେମାନଙ୍କର ପ୍ରତିନିଧିତ୍ୱ କମ୍ ରହିଛି । ଆମେ ସଫଳତା ହାସଲକାରୀଙ୍କୁ ପାଳନ କରୁ କିନ୍ତୁ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କର ସମ୍ଭାବନାକୁ ସାକାର କରିବାର ସୁଯୋଗରୁ ବଞ୍ଚିତ କରୁ । ମହିଳାମାନେ ନେତୃତ୍ୱ ପାଇଁ ସହାନୁଭୂତି, ସହଯୋଗ ଏବଂ ନ୍ୟାୟ ଆଣିବା ପାଇଁ ଏକ ଲିଙ୍ଗ-ସମାବେଶୀ ଆଭିମୁଖ୍ୟ ଅତ୍ୟାବଶ୍ୟକ । ଭାରତର ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ଆମ ଜି.ଡି.ପିରେ ପ୍ରାୟ ଏକ ଟ୍ରିଲିୟନ ଡଲାର ଯୋଡ଼ିପାରିବ । ସଶକ୍ତୀକରଣ ଏକ ଆର୍ଥିକ ଜରୁରୀ ଏବଂ ନୈତିକ ଉଭୟ, ଭାରତ କେବଳ ଏହାର ମହିଳାମାନଙ୍କୁ ସଶକ୍ତ ନକରିବାକୁ ସମର୍ଥ ହୋଇପାରିବ ନାହିଁ । ବିଆଇପିଏଫ୍‌ର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ତାଙ୍କ ସ୍ୱାଗତ ଭାଷଣରେ ବିଭିନ୍ନ କ୍ଷେତ୍ରରେ ଶକ୍ତି ଗତିଶୀଳତାକୁ ପୁନଃପରିଭାଷିତ କରିବାରେ ମହିଳା ନେତୃତ୍ୱର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ । 'ମାର୍ଜିନ୍ ଟୁ ମେନଷ୍ଟ୍ରିମ୍: ଷ୍ଟ୍ରାଟେଜିଜ୍ ଫର୍ ଏମ୍ପାୱାରମେଣ୍ଟ'ପ୍ୟାନେଲ୍ ଆଲୋଚନାରେ, ସିଇକ୍ୟୁଯୁଆଇଏନ୍‌ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ସାରା ଅବଦୁଲ୍ଲା ପାଇଲଟ୍ ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ଜରୁରୀତାକୁ ଉଲ୍ଲେଖ କରିଥିଲେ ଏବଂ କହିଥିଲେ,




'ସମ୍ବିଧାନ ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ଦେବା ପରଠାରୁ ଭାରତ ମହିଳା ଅଧିକାରରେ ପ୍ରଗତିଶୀଳ ହୋଇଛି ଯେତେବେଳେ ଅନେକ ଦେଶ ଏପର୍ଯ୍ୟନ୍ତ ସଂଘର୍ଷ କରୁଥିଲେ । ଘରୋଇ ହିଂସା ଆଇନରୁ ପଞ୍ଚାୟତିରାଜ ପର୍ଯ୍ୟନ୍ତ, ଗୁରୁତ୍ୱପୂର୍ଣ୍ଣ ସଂସ୍କାର କରାଯାଇଛି, କିନ୍ତୁ ପରିସଂଖ୍ୟାନ ଦର୍ଶାଉଛି ଯେ ଆହୁରି ବହୁତ କିଛି କରିବାକୁ ପଡିବ । ଆମକୁ ଜୀବନଚକ୍ର ପଦ୍ଧତି ଗ୍ରହଣ କରିବାକୁ ପଡିବ, କେବଳ ମାତୃତ୍ୱ ବ୍ୟତୀତ ଜନ୍ମରୁ ବୟସ୍କ ହେବା ପର୍ଯ୍ୟନ୍ତ ମହିଳାମାନଙ୍କୁ ସମର୍ଥନ କରିବା । ଅଭିଜ୍ଞତା ବାଣ୍ଟିବା, ଚ୍ୟାଲେଞ୍ଜ ଆଲୋଚନା କରିବା ଏବଂ ସମାଧାନ ପାଇଁ ଏକାଠି କାମ କରିବା ପାଇଁ ଆଇଡିଆଟ୍ କନକ୍ଲେଭ ଭଳି ପ୍ଲାଟଫର୍ମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' । ଅନ୍ୟ ସମ୍ମାନିତ ପ୍ୟାନେଲିଷ୍ଟମାନଙ୍କ ମଧ୍ୟରେ ବାସିକ୍ସ ସୋସିଆଲ ଏଣ୍ଟରପ୍ରାଇଜ୍ ଗ୍ରୁପ୍ ପ୍ରତିଷ୍ଠାତା ବିଜୟ ମହାଜନ ଏବଂ ପ୍ରୋଜେକ୍ଟ ବାଲାର ସହ-ପ୍ରତିଷ୍ଠାତା ଆରାଧନା ରାୟ ଗୁପ୍ତା । ପ୍ୟାନେଲକୁ ଆଇଏଫସି ଇଣ୍ଡିଆର ଇଣ୍ଡିଆ କଣ୍ଟ୍ରି ଟିମ୍‌ର ପ୍ରିନ୍ସିପାଲ୍ କଣ୍ଟ୍ରି ଅଫିସର ରୋଶିକା ସିଂହ ପରିଚାଳନା କରିଥିଲେ । ପଦ୍ମଶ୍ରୀ ନୈନା ଲାଲ କିଡୱାଇ, ଚେୟାରପର୍ସନ, ରୋଥସଚାଇଲ୍ଡ ଆଣ୍ଡ କୋ ଇଣ୍ଡିଆ ଏବଂ ପୂର୍ବତନ ଅଧ୍ୟକ୍ଷ, ଫିକି ଏବଂ କେ.ଏ.ଆର.ଏମ ଫେଲୋ ମୁସ୍କାନ କୁଶୱାହାଙ୍କ ମଧ୍ୟରେ ଏକ ଅଗ୍ନିସମ୍ପର୍କ ଆଲୋଚନା - 'ଅଦୃଶ୍ୟତା ଏବଂ ପ୍ରଭାବ', ମହିଳାମାନଙ୍କର ସାମାଜିକ-ଆର୍ଥିକ ସ୍ୱାଧୀନତାକୁ ଉଚ୍ଚ କରୁଥିବା ଏକ ଇକୋସିଷ୍ଟମ ସୃଷ୍ଟି କରିବାର ଉପାୟଗୁଡ଼ିକ ପରଖିଥିଲେ । ପଦ୍ମଶ୍ରୀ ନୈନା ଲାଲ କିଡୱାଇ ମନ୍ତବ୍ୟ ଦେଇଥିଲେ, 'ଏକ ବୀକଶିତ ଭାରତ ୨୦୪୭ ଗଠନରେ ମହିଳା ନେତ୍ରୀଙ୍କ ଭୂମିକା ହେଉଛି ଏହା ସ୍ୱୀକାର କରିବା ଯେ ଆମ ପ୍ରତ୍ୟେକଙ୍କର ଇକୋସିଷ୍ଟମକୁ ଗଢ଼ି ତୋଳିବାର ଦାୟିତ୍ୱ ଅଛି । ପ୍ରକୃତରେ ପରିବର୍ତ୍ତନ ଆଣିବା ପାଇଁ ଆମକୁ ଅନ୍ୟ ମହିଳାମାନଙ୍କୁ ସୁଯୋଗ, ଶିକ୍ଷା ଏବଂ ଚମକଦାର ହେବାର ସୁଯୋଗ ଖୋଜିବାରେ ସାହାଯ୍ୟ କରିବା ପାଇଁ ମଧ୍ୟ-ପରିଚାଳକ ହେବାକୁ ପଡିବ । ଏହି ଅଧିବେଶନକୁ ଶୈଫାଳିକା ପଣ୍ଡା ପରିଚାଳନା କରିଥିଲେ ।